


## ସଂକ୍ଷେପରେ

### ବିଦ୍ୟାଳୟ ସମୂହର ପ୍ରତିଯୋଗିତା




**ରାହାମା,୭।୧୦(ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ଉଚ୍ଚବିଦ୍ୟାଳୟରେ ଏକ ବିଦ୍ୟାଳୟସ୍ତରୀୟ ସାଧାରଣଜ୍ଞାନ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ୱେଚ୍ଛାସେବୀ ସଂଗଠନ ଏଏଫ୍ଆଇଏନ ଏବଂ ଓଆଇଜି ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୪ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅରବିନ୍ଦ ସ୍ୱାଇଁ, ଇନ୍ଦ୍ରମଣି ମଲ୍ଲିକ, ଅଭିଜିତ ବିଶ୍ୱାଳ, ପୁଷ୍ପାଂଶୁବଲ୍ଲଭ ପୃଷ୍ଟି, ଶ୍ରୀପତି କୁମାର ଲେଙ୍କା, ସ୍ମୃତିରଞ୍ଜନ ସ୍ୱାଇଁ, ତୁଷାର ରଞ୍ଜନ ମହାନ୍ତି ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ନୀଳମଣି ମଲ୍ଲିକ, ଧନେଶ୍ୱର ନନ୍ଦ, ସାମାଜିକ କର୍ମୀ ଦେବପ୍ରସାଦ ନାୟକ ପ୍ରତିଯୋଗିତାରେ ମୂଲ୍ୟାୟନ କରିବାର ସହଯୋଗ କରିଥିଲେ। ସ୍ୱେଚ୍ଛାସେବୀ ସଂଗଠନ ଉପଦେଷ୍ଟା ଦେବପ୍ରସାଦ ନାୟକ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଜଗନ୍ନାଥପୁର ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେନ୍ଦ୍ର ଶୋରଣିଆ ଅଧକ୍ଷତା କରିଥିଲେ।

### ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**ବାଲିକୁଦା, ୭।୧୦(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଖାଲଗାଁସ୍ଥିତ ମହାବୀର ମନ୍ଦିରଠାରେ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୋରିକିନା ଶାଖାର ମାସିକ ବୈଠକ ଅନୁଷ୍ଠିତ ହୋଇଛି। ଶାଖା ସଭାପତି ବଂଶୀଧର ଶତପଥୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ବିଷ୍ଣୁ ଚରଣ ସ୍ୱାଇଁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନୂତନ ସଭ୍ୟ ଭାବେ ଶିବ ଚରଣ ସାହୁ, ବନମାଳି ପାଳ, ଶିବ ଚରଣ ଜେନା, ବାବାଜି ଚରଣ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ, ପ୍ରଫୁଲ୍ଲ କୁମାର ମହାନ୍ତି ସାମିଲ ହୋଇଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଗତା ପ୍ରେମଲତା ଦେଈଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମନ୍ଦିରର ମୁଖ୍ୟ ସେବକ ଅପର୍ତ୍ତି ମହାନ୍ତିଙ୍କୁ ସଂଘର ବରିଷ୍ଠ ସଦସ୍ୟ ଯାଦବ ଚନ୍ଦ୍ର ପାଢ଼ୀ ସମ୍ବର୍ଦ୍ଧିତ କରିଥିଲେ। ୨୦୦୯ରୁ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଚିକିତ୍ସା ଭତ୍ତା ଫାଇଲ ଅର୍ଥ ବିଭାଗରେ ପଡିରହିଥିବାରୁ ଏହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସଂଘର ନୂତନ ସଦସ୍ୟ ବାବାଜୀ ଚରଣ ପ୍ରଧାନ ଦାବି ପୂରଣ ପାଇଁ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ନଗେନ୍ଦ୍ର ନାଥ ବିଶ୍ୱାଳ ଦାବିଗୁଡିକ ସମ୍ପର୍କରେ ରାଜ୍ୟ ସଂଘକୁ ଜଣାଇଲେ ଏହା ଅଧିକ ପ୍ରଭାବଶାଳୀ ହେବ ବୋଲି ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ ସ୍ୱାଇଁ, ଶିବ ଚରଣ ସାହୁ, ଘନଶ୍ୟାମ ସ୍ୱାଇଁ, ଭଗବାନ ଲେଙ୍କା, ନିତ୍ୟାନନ୍ଦ ପରିଡା, କୃଷ୍ଣଚନ୍ଦ୍ର ବାରିକ, ଧର୍ମାନନ୍ଦ ଦାସ, ପରମାନନ୍ଦ ଲେଙ୍କା, ଭ୍ରମରବର ପାଇଟାଳ, ବିଷ୍ଣୁ ଚରଣ ପରିଡା, ବ୍ରହ୍ମାନନ୍ଦ ମହାନ୍ତି, ଶରତ ଚନ୍ଦ୍ର ବାରିକ, ବଂଶୀଧର ବିଶ୍ୱାଳ, ଚତୁର୍ଭୁଜ ପରିଡା, ନାରାୟଣ କଂସ, ହରିଶ୍ଚନ୍ଦ୍ର ସାହୁ, ଶ୍ରୀନାଥ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ବୈଠକ ନଭେମ୍ବର ୪ରେ ସ୍ଥାନୀୟ ଜଅଁରାସ୍ଥିତ ଇସ୍କନ ମନ୍ଦିରରେ କରିବାକୁ ସ୍ଥିର ହୋଇଥିଲା।

### କେନାଲରେ ବୁଡ଼ି ନାବାଳକ ମୃତ

**ଜଗତ୍‌ସିଂହପୁର ଅଫିସ, ୭।୧୦:** ରବିବାର ଅପରାହ୍ନରେ ସ୍ଥାନୀୟ ଖେରସସ୍ଥିତ ଅନୁସୂଚିତ ଜନଜାତି ବସ୍ତି ନିକଟରେ ଥିବା କେନାଲରେ ବୁଡି ଏକ ଦେଢ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ଶିଶୁଟି ରାମଚନ୍ଦ୍ର ସିଂହଙ୍କ ପୁଅ ସୁନାରାମ ବୋଲି ଜଣାପଡିଛି।

# ମାଛରେ ଫର୍ମାଲିନ୍, ମାଂସରେ କୋଲିଷ୍ଟିନ

**ପାରାଦୀପ, ୭।୧୦(ସ୍ୱ.ପ୍ର.)**

**ନୀରବ ଘାତକ ସାଜିଛି କେମିକାଲ**
- ବିଭିନ୍ନ ଖାଦ୍ୟରେ ମିଶାଯାଉଛି କେମିକାଲ
- ଯାଞ୍ଚ କରୁନାହାନ୍ତି ବିଭାଗୀୟ ଅଧିକାରୀ

ଖାଦ୍ୟରେ କେମିକାଲ ମିଶ୍ରଣକୁ ନେଇ ଦିନକୁ ଦିନ ନୂଆ ନୂଆ ବ୍ୟବସ୍ଥାମାନ ନଜରକୁ ଆସୁଛି। ଏସବୁ କେମିକାଲ ବିଭିନ୍ନ ଉପାୟରେ ଭିନ୍ନ ଭିନ୍ନ ଖାଦ୍ୟ ମାଧ୍ୟମରେ ପେଟକୁ ଯାଇ ଶରୀର ପାଇଁ ନୀରବ ଘାତକ ସାଜୁଛି। ଗତ ୧୦ ବର୍ଷ ହେଲା ମାଛ ଓ ଶୁଖୁଆରେ ବ୍ୟବସାୟୀମାନେ ଫର୍ମାଲିନ କେମିକାଲ ମିଶାଇ ବଜାରକୁ ଛାଡୁଥିବାବେଳେ ସରକାରୀସ୍ତରରେ ଏନେଇ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଇ ପାରୁନାହିଁ। ଏଭଳି ପରିସ୍ଥିତିରେ ଏବେ କୁକୁଡ଼ା ମାଂସକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। କୁକୁଡାକୁ ଅଧିକ ସମୟ ବଞ୍ଚାଇ ରଖିବା ପାଇଁ ଏକ ପ୍ରକାର ଆଣ୍ଟିବାୟୋଟିକ୍ ଦିଆଯାଉଛି। ସେହି ଆଣ୍ଟିବାୟୋଟିକ୍‌ର ନାମ ହେଉଛି କୋଲିଷ୍ଟିନ। ଭାରତ ସମେତ ୩୬ ଦେଶ ଏହି କୋଲିଷ୍ଟିନ ଆଣ୍ଟିବାୟୋଟିକ୍‌କୁ ନିଷିଦ୍ଧ କରିଛନ୍ତି। ଏହା ସତ୍ତ୍ୱେ କୋଲିଷ୍ଟିନ୍‌କୁ କୁକୁଡା ଚାଷୀମାନେ ବହୁଳ ପରିମାଣରେ ବ୍ୟବହାର କରୁଛନ୍ତି। ଏହି ଅଭିଯୋଗ ଖୋଦ୍ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଗତ ଅଗଷ୍ଟ ୧୩ରେ କରିଥିଲେ। ଏ ସମ୍ପର୍କରେ କେତେକ ସ୍ୱେଚ୍ଛାସେବୀ ସଂଗଠନ ସରକାରଙ୍କୁ ସୂଚନା ଅଧିକାର ଆଇନ୍ ଜରିଆରେ ତଥ୍ୟ ମାଗିଲେଣି। ମାଛରେ ଫର୍ମାଲିନ୍ ଓ ମାଂସରେ କୋଲିଷ୍ଟିନ୍‌କୁ ତଦାରଖ କରିବା ପାଇଁ ପଶୁ ପାଳନ, ସ୍ୱାସ୍ଥ୍ୟ ଓ ପରିବେଶ ମନ୍ତ୍ରଣାଳୟ ଅଛି। କିନ୍ତୁ ସମ୍ପୃକ୍ତ ବିଭାଗର ଉଦାସୀନତା ଯୋଗୁ ନିଷିଦ୍ଧ ଆଣ୍ଟିବାୟୋଟିକ୍ ଦେଶର ସବୁ ଅଞ୍ଚଳରେ ଅବାଧରେ ବ୍ୟବହାର ହେଉଛି। ନଦୀ, ପୋଖରୀ, ଘେରୀ, ସମୁଦ୍ରରୁ ଧରାଯାଉଥିବା ମାଛକୁ ଅଧିକ ଦିନ ସତେଜ ରଖିବା ପାଇଁ ବରଫ ବ୍ୟବହାର ହେଉଛି। ସେହି ବରଫ ବାକ୍ସ ବା ପେଟିରେ ଫର୍ମାଲିନ କେମିକାଲ ମିଶାଇଦେଲେ ମାଛ ଆଉ ଦବିବ ନାହିଁ। ମାଛ କାତି ଶକ୍ତ ହେବା ସହ ସତେଜ ଦେଖାଯିବ। କେମିକାଲ ବ୍ୟତିରେକ ସେଥିରେ କିଛି ପରିମାଣରେ ଖାଇବା ଭୂସୀ ମିଶାଇଦେଲେ ସେଥିରୁ ଲାଳ ସୃଷ୍ଟି ହେବ। ଶୁଖୁଆ କରିବା ପାଇଁ ଭିନ୍ନଭାବେ କେମିକାଲ ମିଶାଯାଉଛି। ସମୁଦ୍ରରେ ଧରାଯାଉଥିବା ମାଛକୁ ଶୀଘ୍ର ଶୁଖାଇବା ପାଇଁ ସେଥିରେ କେମିକାଲ ମିଶାଯାଉଛି। ସାଧାରଣତଃ ବର୍ଷାଦିନେ ସମୁଦ୍ର ଭିତରକୁ ମାଛ ଧରିବାକୁ ଯାଉଥିବା ଟ୍ରଲରରେ ମତ୍ସ୍ୟଜୀବୀମାନେ ଫର୍ମାଲିନ ବ୍ୟବହାର କରନ୍ତି। କେମିକାଲ ମିଶାଇଲେ ମାଛ ଆଉ ନଷ୍ଟ ହେବ ନାହିଁ। ଫର୍ମାଲିନ ସାଧାରଣତଃ ପ୍ଲାଷ୍ଟିକ, ଚମଡ଼ା କାରଖାନାରେ ବ୍ୟବହାର ହୁଏ। ଏତଦ୍‌ବ୍ୟତୀତ ମୃତଦେହ ଦୀର୍ଘଦିନ ସଂରକ୍ଷିତ ରଖିବା ପାଇଁ ଏଭଳି କେମିକାଲ ବ୍ୟବହାର କରାଯାଏ। ଫର୍ମାଲିନ ମିଶିବା ପରେ ମାଛ ରବର ଭଳି ଶୁଖୁଆ ହୋଇଯାଏ। ତାହାକୁ ଖାଇ ମଣିଷ ବିଭିନ୍ନ ପର୍ଯ୍ୟାୟରେ ରୋଗକୁ ନିମନ୍ତ୍ରଣ କରିଥାଏ। କୁକୁଡ଼ା ଚାଷୀମାନେ ଫାର୍ମରେ ବ୍ୟବହାର କରୁଥିବା କୋଲିଷ୍ଟିନ୍ ମଣିଷର ସ୍ନାୟୁ ଗ୍ରନ୍ଥିକୁ ଅଚଳ କରିଦିଏ। ସ୍ୱଳ୍ପ ସ୍ଥାନରେ କୁକୁଡାକୁ ଅଧିକ ଦିନ ପର୍ଯ୍ୟନ୍ତ ବଞ୍ଚାଇ ରଖିବାକୁ ଏହି ହାଇପାୱାର ଆଣ୍ଟିବାୟୋଟିକ ଦିଆଯାଏ। କୁକୁଡ଼ାର ଆଖି ଓ ନାକ ବାଟେ କେମିକାଲ ସ୍ପ୍ରେ କରାଯାଏ। ସେହି କୁକୁଡ଼ା ମାଂସ ଓ ଅଣ୍ଡା ଖାଉଥିବା ଲୋକଙ୍କ ଶରୀରକୁ କୋଲିଷ୍ଟିନ ଯାଇଥାଏ। କୋଲିଷ୍ଟିନ ଶରୀରକୁ ଗଲେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ଏହାଦ୍ୱାରା କିଡ୍‌ନୀ ଅଚଳ ହେବା ସହ ଚର୍ମରୋଗ, ରକ୍ତହୀନତା, ସ୍ନାୟୁଗତ ରୋଗ ଆଦି ଦେଖାଦିଏ ବୋଲି କେନ୍ଦ୍ରମନ୍ତ୍ରୀ ଗାନ୍ଧୀ ଉଲ୍ଲେଖ କରିଛନ୍ତି। ଲୋକେ ଏହାର ପ୍ରତିବାଦ କରୁ ନ ଥିବାରୁ ସରକାରଙ୍କ ଚେତା ପଶୁନାହିଁ। ଏହି ପ୍ରସଙ୍ଗକୁ ନେଇ ପାରାଦୀପର ଏକ ସ୍ୱେଚ୍ଛାସେବୀ ସଂଗଠନ ପଶୁପାଳନ ମନ୍ତ୍ରାଳୟ, ପରିବେଶ ମନ୍ତ୍ରାଳୟ ଓ ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ତଥ୍ୟ ମାଗିଛି। କୁକୁଡ଼ା ଫାର୍ମରେ କେଉଁ ଆଣ୍ଟିବାୟୋଟିକ୍ ଦିଆଯାଉଛି, କେତେ ଫାର୍ମ ଅଛି, କୁକୁଡ଼ା ମାଂସ ପରୀକ୍ଷା କରାଯାଉଛି କି ନାହିଁ ଆଦି ପ୍ରସଙ୍ଗରେ ତଥ୍ୟ ମଗାଯାଇଛି। ଏକ ନିର୍ଦ୍ଦିଷ୍ଟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦ ବର୍ଷ ମଧ୍ୟରେ ଏଭଳି କୌଣସି ଯାଞ୍ଚ କରାଯାଇନାହିଁ। ଏବେ ମାନେକା ଗାନ୍ଧୀଙ୍କ ଏହି ପ୍ରସଙ୍ଗକୁ ଆପତ୍ତି ଉଠାଇବା ପରେ ଉପରୋକ୍ତ ୩ ବିଭାଗ କିଭଳି ଯାଞ୍ଚ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ଜଗତ୍‌ସିଂହପୁର ବ୍ଲକ ସରାମ୍ଭୋସ୍ଥିତ ଦିବ୍ୟଜୀବନ ସେବାଶ୍ରମରେ ଷୋଡ଼ଶ ଉପଚାର ପୂଜାର ୬ଷ୍ଠ ଦିବସରେ ମା'ସିଦ୍ଧିଦାତ୍ରୀଙ୍କ ଅନ୍ନପୂର୍ଣ୍ଣା ବେଶ।

## ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ

**ବାଲିଆ,୭।୧୦**

ବିରିଡ଼ି ବ୍ଲକ କୁଳ କଇଜଙ୍ଗା ନାୟକ ସାହିଠାରେ ଗଜଲକ୍ଷ୍ମୀ ପୂଜା ପାଇଁ ମା'ଙ୍କ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଅନୁକୂଳ ହୋଇଛି। ସ୍ଥାନୀୟ ବିଲୁଆଖାଇ ନଦୀରୁ ମାଟି ଉଠାଯାଇ ମଣ୍ଡପକୁ ଅଣାଯାଇଛି। ଏହି ପରିପ୍ରେକ୍ଷୀରେ ଗାଁର ସତ୍ୟଜିତ ନାୟକ, ବିଭୁପ୍ରସାଦ ସେଠୀ, ରମେଶ ଚନ୍ଦ୍ର ସାହୁ, କିଶୋର ପଟନାୟକ, ଦୀପୁନା ନାୟକ, ରମେଶ ନାୟକ, ସୁଧିର ନାୟକ, ତୁଷାର ନାୟକ ପ୍ରମୁଖ ଘଣ୍ଟ, ଘଣ୍ଟା ଓ ଢୋଲ ବାଦ୍ୟରେ ଶୋଭାଯାତ୍ରା କରି ନଦୀକୂଳରେ ପହଞ୍ଚି ଥିଲେ। ସେଠାରେ ଯଥାବିଧି ପୂଜା କରାଯାଇଥିଲା। ପରେ କର୍ତ୍ତା ଶରତ ଚନ୍ଦ୍ର ରାଉତଙ୍କ ଦ୍ୱାରା ମାଟି ଉଠାଯାଇଥିଲା।

### ■ ପଞ୍ଚାୟତସ୍ତରରୁ କଂଗ୍ରେସର ଘରସଜଡ଼ା ଆରମ୍ଭ

## ଅଢ଼େଇକୂଳ କର୍ମୀ ବୈଠକରେ ବର୍ଷିଲେ ନାରୀନେତ୍ରୀ

**ରଘୁନାଥପୁର, ୭।୧୦( ଡି.ଏନ.ଏ.)**



ବୈଠକରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମକର୍ତ୍ତା।

ଆଗାମୀ ବିଧାନସଭା ନିର୍ବାଚନକୁ ଲକ୍ଷ୍ୟ ରଖି କଂଗ୍ରେସ ପକ୍ଷରୁ ଘର ସଜଡ଼ା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ପଞ୍ଚାୟତସ୍ତରରେ ଥିବା କର୍ମୀଙ୍କୁ ଏକଜୁଟ କରି ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରିବ ମାରଣ ନୀତି ସମ୍ପର୍କରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅବଗତ କରିବାକୁ କର୍ମୀମାନଙ୍କୁ ଆହ୍ୱାନ କରାଯାଇଛି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ରଘୁନାଥପୁର ବ୍ଲକ ଅଢେଇକୂଳ ପଞ୍ଚାୟତରେ କର୍ମୀ ବୈଠକ କରି କଂଗ୍ରେସ ତା'ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି। ପ୍ରଦେଶ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରତୀମା ମଲ୍ଲିକଙ୍କ ନେତୃତ୍ୱରେ ସ୍ଥାନୀୟ ଦଧିବାମନ ମଠ ପରିସରରେ ଆୟୋଜିତ କର୍ମୀ ସମ୍ମିଳନୀରେ ବ୍ଲକ କଂଗ୍ରେସ ଜୋନ-୨ର ସଭାପତି ସର୍ବେଶ୍ୱର ପଣ୍ଡା ସଭାପତିତ୍ୱ କରିଥିଲେ। ନାରୀନେତ୍ରୀ ମଲ୍ଲିକ ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବାର ପ୍ରତିପୋଷଣ ପାଇଁ ସମାଜରେ ରାହା ଖୋଜୁଥିବା ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କ ଶ୍ରମ ତଥା କର୍ମ ସଂସ୍ଥାନ ଯୋଗାଇବା ପରିବର୍ତ୍ତେ ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାର ଆଗାମୀ ନିର୍ବାଚନରେ ଶାସନ ଗାଦି ଦଖଲ ପାଇଁ ଲଲିପପ୍ ଧରାଉଛନ୍ତି ବୋଲି କହିଥିଲେ। ଯାହାକି ଏହାର ବାସ୍ତବତା ସମ୍ପର୍କରେ ଜନସାଧାରଣ ମର୍ମେ ମର୍ମେ ଅନୁଭବ କରି ସାରିଲେଣି। ପ୍ରତ୍ୟେକ ଦିନ କେଉଁଠି ନା କେଉଁଠି ନାରୀ ଅତ୍ୟାଚାର ଘଟଣାବାଳୀ ସମ୍ପର୍କରେ ଖବରକାଗଜରୁ ଦେଖିବାକୁ ମିଳିଛି। ଯୋଗ୍ୟ ହିତାଧିକାରୀଙ୍କ ପରିବର୍ତ୍ତେ ଥିଲାବାଲା ରାଶନ କାର୍ଡ, ଭତ୍ତା ସରକାରୀ ଗୃହରେ ଚଞ୍ଚକତା କରି ହାତଉଛନ୍ତି। ଆଗାମୀଦିନରେ ସରକାରଙ୍କ ଏ ବିଫଳତା ଓ ପକ୍ଷପାତିତା ନୀତି ବିରୋଧରେ ଜନସାଧାରଣ ଉଚିତ ଜବାବ ଦେବେ ବୋଲି ନାରୀନେତ୍ରୀ ମଲ୍ଲିକ, ପ୍ରଭାକର ଜେନା, ପଞ୍ଚାୟତ ସଭାପତି ବିଷ୍ଣୁଚରଣ ଖଟୁଆ, ସମ୍ପାଦକ ବିଜୟ କୁମାର ସ୍ୱାଇଁ, ମୁରଲୀଧର ମହାନ୍ତି, ସୁଧାଂଶୁ ବିଶ୍ୱାଳ, ପୂର୍ବତନ ସରପଞ୍ଚ ସ୍ମିତାରାଣୀ ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ସେମାନେ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ପରେ ଯୋଜନା କରି ଚାଲିଥିଲେ ସୁଦ୍ଧା କେତେକାଂଶରେ ଗରିବୀ ହଟିଛି ଏବଂ ଏହାର ତୃଣମୂଳସ୍ତରରେ ବାସ୍ତବତା କ'ଣ ଏ ସମ୍ପର୍କରେ ଆଉ କାହାକୁ ବୁଝେଇବାର ଆବଶ୍ୟକତା ନାହିଁ ବୋଲି ବକ୍ତବ୍ୟ ରଖିଥିଲେ। ଆଗାମୀ ନିର୍ବାଚନ ପାଇଁ ଉକ୍ତ ବୈଠକ କଂଗ୍ରେସ କର୍ମୀଙ୍କ ମହଲରେ ଉତ୍ସାହ ସୃଷ୍ଟି କରିଥିବାବେଳେ ଦୀର୍ଘଦିନ ବ୍ୟବଧାନରେ ଅନୁଷ୍ଠିତ ବୈଠକକୁ ସ୍ୱାଗତ କରାଯାଇଛି। ଦୁର୍ଯ୍ୟୋଧନ ସାହୁ, ହିମାଂଶୁ ବିଶ୍ୱାଳ ଅଭୟ କୁମାର ପାଣିଙ୍କ ସମେତ ଛାମୁଆ କର୍ମୀ ଓ ମହିଳାପୁରୁଷ ବୈଠକରେ ଉପସ୍ଥିତ ଥିଲେ।

## ଥାନାରୁ ମାମଲା ଉଠାଇବାକୁ ମହିଳାଙ୍କୁ ଧମକ

**ତିର୍ତ୍ତୋଲ, ୭।୧୦ (ଡି.ଏନ.ଏ.)**

ତିର୍ତ୍ତୋଲ ଥାନା ବିରିତୋଳ ପଞ୍ଚାୟତ ରସୁଲପୁର ଗ୍ରାମର ମହମ୍ମଦ ଇଦ୍ରିସ ଖାଁଙ୍କ ସ୍ତ୍ରୀ ତାହେରା ଖାତୁନଙ୍କୁ ତିର୍ତ୍ତୋଲ ଥାନାର ଜଣେ ପୋଲିସ ଅଧିକାରୀ ଥାନାରୁ ମାମଲା ଉଠାଇବାକୁ ଧମକ ଦେଇଥିବା ସେ ଏସପିଙ୍କୁ ରବିବାର ଅଭିଯୋଗ କରିଛନ୍ତି। ଅଭିଯୋଗ ମୁବକ ସକାଳ ୯ଟାରେ ପୋଲିସ ପୋଷାକରେ ଦୁଇଜଣ ବ୍ୟକ୍ତି ତାଙ୍କ ଘରକୁ ଆସି ତାଙ୍କୁ ଥାନାବାବୁ ଡକାଇଛନ୍ତି ବୋଲି କହିଥିଲେ। ସେ କାହିଁକି ଥାନାକୁ ଯିବେ ବୋଲି କହିବାରୁ ସେମାନେ ଥାନାବାବୁଙ୍କ ସହ ଫୋନରେ କଥାହେବା ପାଇଁ ଫୋନ ଦେଇଥିଲେ। ସମ୍ପୃକ୍ତ ପୋଲିସ ଅଧିକାରୀ ତାଙ୍କୁ ଥାନାରେ କରିଥିବା ଏକ ମାମଲା ଉଠାଇନେବାକୁ କହିଥିଲେ। ସେ ଏଥିରେ ରାଜି ନ ହେବାରୁ ତାଙ୍କୁ ମିଥ୍ୟା ମାମଲାରେ ଫସାଇଦେବେ ବୋଲି କହିଥିଲେ। ଏଥିସହ ତାଙ୍କ ଠାରୁ ଅର୍ଥ ଦାବି କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କ ମତାମତ ମିଳିପାରିନାହିଁ। ଆଇଆଇସି ବଳରାମ ନାୟକଙ୍କୁ ପଚାରିବାରୁ ସେ ଏହି ଘଟଣା ସମ୍ପର୍କରେ ଜାଣି ନାହାନ୍ତି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ୨୦୧୫ରେ ମହିଳାଙ୍କୁ ଆକ୍ରମଣ କରାଯାଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ।

### ଆମ ଗାଁ, ଆମ ବିକାଶ ଯୋଜନା କାର୍ଯ୍ୟକାରିତାକୁ ନେଇ ସନ୍ଦେହ

## ରାଜନୈତିକ ଛକାପଞ୍ଝା, ଅନିଶ୍ଚିତତାରେ ପ୍ରକଳ୍ପ

**ବିରିଡ଼ି, ୭।୧୦(ଡି.ଏନ.ଏ.)**

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଚଳିତ ଆର୍ଥିକ ବର୍ଷରେ ବିରିଡ଼ି ବ୍ଲକର ୨୧ ପଞ୍ଚାତରେ ଆମ ଗାଁ ଆମ ବିକାଶ ଯୋଜନା କାର୍ଯ୍ୟକାରୀ ହେବାକୁଯାଉଛି। ମାତ୍ର ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଯୋଗୁ ଏହି ବ୍ଲକରେ ଉକ୍ତ ଯୋଜନା କାର୍ଯ୍ୟକାରୀ ହେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଏହି ଯୋଜନାରେ ପ୍ରକଳ୍ପ ଅନ୍ତର୍ଭୁକ୍ତ କରିବା ପାଇଁ ଚାରିସ୍ତରରୁ ତାଲିକା ଯାଇଥିବାରୁ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ ହେବ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ, ପଞ୍ଚାୟତିରାଜ ସଂସ୍ଥାର ପ୍ରତିନିଧି ଓ ଗ୍ରାମବାସୀଙ୍କ ପକ୍ଷରୁ ଗୋଟିଏ ଲେଖାଁଏ ପ୍ରକଳ୍ପ ତାଲିକା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ପଠାଯାଇଛି। ସେଥିମଧ୍ୟରୁ ଯାହାର ତାଲିକା କାର୍ଯ୍ୟକାରୀ କରା ନ ଯିବ, ସେମାନେ ଯୋଜନା କାର୍ଯ୍ୟକାରୀ କରାଇଦେବେ ନାହିଁ ବୋଲି ପ୍ରଚାର କରୁଛନ୍ତି। ଏପରି କି ଜାଗାବାଡି ନ ଥିବା ଅନୁଷ୍ଠାନର ନିର୍ମାଣ କାର୍ଯ୍ୟ ଏହି ଯୋଜନାରେ କରାଗଲେ, ତାହା ବିରୋଧରେ ଅଦାଲତର ଆଶ୍ରୟ ନିଆଯିବ ବୋଲି ବିଡିଓଙ୍କ ନିକଟରେ ଧମକ ଦିଆଗଲାଣି। ଏ ପରିସ୍ଥିତିରେ ବିଭାଗୀୟ ତତ୍ତ୍ୱାବଧାନରେ ଆରମ୍ଭ ହେବାକୁ ଥିବା ପ୍ରକଳ୍ପ ପାଇଁ ଯନ୍ତ୍ରୀମାନେ ବିବ୍ରତ ହୋଇପଡିଲେଣି। ଏହି ଯୋଜନାରେ ମହିଳା ସମିତି ଗୃହ, କ୍ଲବ ଘର, ଗୋଷ୍ଠୀ କେନ୍ଦ୍ର, ଧାର୍ମିକ ସ୍ଥଳ ପ୍ରଭୃତି ନିର୍ମାଣ କରାଯାଇପାରିବ। ୧ ଲକ୍ଷରୁ ୧୦ ଲକ୍ଷ ଟଙ୍କା ମଧ୍ୟରେ ଥିବା ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ପଞ୍ଚାୟତ ନିର୍ବାହୀ ଅଧିକାରୀ, ପଞ୍ଚାୟତ ବୈଷୟିକ ସହାୟକ ଓ କନିଷ୍ଠ ଯନ୍ତ୍ରୀମାନଙ୍କ ଉପରେ ଦାୟୀତ୍ୱ ନ୍ୟସ୍ତ କରିଛନ୍ତି। ବାସ୍ତବ କ୍ଷେତ୍ରରେ ଏହି କାର୍ଯ୍ୟ ଯନ୍ତ୍ରୀମାନେ ନ କରି ଯଦି ଠିକାଦାରମାନେ କରିବେ ତେବେ ପ୍ରକଳ୍ପ କାର୍ଯ୍ୟ ଯଦି ଅଧାରୁ ବନ୍ଦ ହୋଇଯାଏ, ତାହା ହେଲେ ଠିକାଦାରମାନେ ସର୍ବଶ୍ୱାନ୍ତ ହୋଇଯିବେ। ଯନ୍ତ୍ରୀମାନଙ୍କର କୌଣସି କ୍ଷତି ହେବ ନାହିଁ। ତେଣୁ ଏହି ଯୋଜନା ବିରିଡ଼ି ବ୍ଲକରେ ଆଦୌ ସଫଳ ହୋଇପାରିବ ନାହିଁ ବୋଲି ଅନେକ ପଞ୍ଚାୟତ ପ୍ରତିନିଧି ଆଶଙ୍କା ବ୍ୟକ୍ତ କଲେଣି। ଏ ସମ୍ପର୍କରେ ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ ଯେ, ସରକାରୀସ୍ତରରୁ ପ୍ରକଳ୍ପ ତାଲିକା ଚୂଡାନ୍ତ ହୋଇ ଆସିବା ପରେ କାର୍ଯ୍ୟ କରିବା ସମ୍ପର୍କରେ ଚିନ୍ତା କରାଯିବ।

## ନିମ୍ନମାନର ରାସ୍ତା ମରାମତିକୁ ବିରୋଧ କଲେ ମହିଳା

**ବାଲିକୁଦା,୭।୧୦(ସ୍ୱ.ପ୍ର.)**

ବାଲିକୁଦା ବ୍ଲକର ୧୫ନଂ. କେନାଲ ବନ୍ଧ ମରାମତି କାର୍ଯ୍ୟ ନିମ୍ନମାନର କରାଯାଉଥିବା ସ୍ଥାନୀୟ ମହିଳାମାନେ ଅଭିଯୋଗ କରିଛନ୍ତି। ଠିକାଦାର ନିମ୍ନମାନର କାମ କରି ଚାଲିଯାଉଥିବା ଦର୍ଶାଇ ସେମାନେ ରାସ୍ତା ଉପରେ ବସିରହିବା ସହ କାର୍ଯ୍ୟ ବନ୍ଦ କରାଇଛନ୍ତି। କେବଳ ବାଲି ଓ କ୍ରସର ଗୁଣ୍ଡରେ ଏହି ରାସ୍ତା ମରାମତି କାମ ଚାଲିଛି। ସ୍ଥାନୀୟ ଅଞ୍ଚଳର ପୁରୁଷମାନେ ଏ ବାବଦରେ ସୋମବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇବେ ବୋଲି କହିବା ପରେ ମହିଳାମାନେ ରାସ୍ତା ଉପରୁ ଉଠିଥିଲେ। ଏହି ପ୍ରତିବାଦରେ ସରଳା କାଣ୍ଡି, କନକ କାଣ୍ଡି, ମଞ୍ଜୁ କାଣ୍ଡି, ବିଦୁ କାଣ୍ଡି, ଟିକି କାଣ୍ଡି, ବବି କାଣ୍ଡି, ଲଳିତା କାଣ୍ଡି, ଟିନୁ କାଣ୍ଡି, ବିନତୀ କାଣ୍ଡି, ପ୍ରକାଶ କାଣ୍ଡି, ପ୍ରଶାନ୍ତ କାଣ୍ଡି, ପ୍ରତାପ କାଣ୍ଡି, ସୋମନାଥ କାଣ୍ଡି, ଲୋଭା ସାମଲ, ଆଲୋକ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।



ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

## କେନାଲରେ ଆସୁନି ପାଣି, ଶୁଖିଲା ପଡିଛି ଜମି

**ନାଉଗାଁ,୭।୧୦(ସ୍ୱ.ପ୍ର.)**



- ଧାନ ଫୁଲ ଉଡାଇବାବେଳେ ପାଣି ନାହିଁ
- କ୍ଷତିଗ୍ରସ୍ତ ହେବ ବ୍ୟାପକ ଧାନ ଫସଲ
- ତୁରନ୍ତ କେନାଲରେ ପାଣି ଛାଡିବାକୁ ଦାବି

ନାଉଗାଁ ବ୍ଲକରେ ଧାନଚାଷ ଉପରେ ୭୫ ପ୍ରତିଶତ ଲୋକ ନିର୍ଭରଶୀଳ। ତେବେ ଅନିୟମିତ ପାଣିପାଗ ଯୋଗୁ ଏହି ବ୍ଲକରେ ଚାଷକାର୍ଯ୍ୟ ବିଶେଷ ଭାବେ ପ୍ରଭାବିତ ହୋଇଥାଏ। ଇତିମଧ୍ୟରେ ଲଘୁଚାପ ଜନିତ ବର୍ଷା ଛାଡିଯିବା ସହ ମୌସୁମୀ ଉଭାନ ହୋଇଯାଇଛି। ଗତ କିଛିଦିନ ହେଲା ପ୍ରବଳ ଖରା ହେଉଛି। ଫଳରେ ଚାଷଜମିକୁ ଜଳସେଚନର ଆବଶ୍ୟକତା ହୋଇପଡିଛି। କିନ୍ତୁ କେନାଲରେ ପାଣି ଆସୁ ନ ଥିବାରୁ କିଭଳି ଜଳସେଚନ ହେବ ତାହାକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ସୂଚନା ଅନୁଯାୟୀ, ଏହି ବ୍ଲକର ୧୬ ପଞ୍ଚାୟତରେ ୨୫ହଜାର ହେକ୍ଟର ଚାଷଜମି ମଧ୍ୟରୁ ୧୫ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଥାଏ। ଓଷକଣା, ଡେରିକି, ଶିଖର ଆଦି ପଞ୍ଚାୟତରେ ଲଘୁ ଜାତୀୟ ଧାନ ସମେତ ଶାରଦ ଧାନ ଚାଷ କରାଯାଏ। ସେହିପରି ତିରୁଣା, ଡାବର, ନାଉଗାଁ, ଜାମୁଗାଁ, ରୋହିଆ, ବଛାଳୋ, ଅଲଣା, ଘୋଡାଂଶ, ନୂଆଗାଁ, ଗଜରାଜପୁର, ଗଳଦାରି ଆଦି ପଞ୍ଚାୟତରେ ଶାରଦ ଧାନ ଚାଷ ହୁଏ। ଏହି ଧାନ ସାଧାରଣତଃ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ଫୁଲ ବାହାରିବା ସହିତ ଅନେକ ଧାନରେ କେଣ୍ଡା ମଧ୍ୟ ବାହାରିଥାଏ। ବର୍ତ୍ତମାନ ଧାନର ଫୁଲ ବାହାରିବା ସମୟ ହୋଇଥିବା ବେଳେ ଅଧିକାଂଶ ଜମିରେ ପାଣି ନ ଥିବା ଦେଖିବାକୁ ମିଳିଛି। ଏହି ବ୍ଲକରେ ଚାଷଜମିକୁ ଜଳସେଚନ କରିବାକୁ ସରକାରଙ୍କ ତରଫରୁ ଅନେକ ଯୋଜନା କରାଯାଇଛି। କିନ୍ତୁ ଠିକଣା ସମୟରେ କୌଣସି ଗୋଟିଏ ହେଲେ ବି ଯୋଜନା କାର୍ଯ୍ୟକାରୀ ହେଉନାହିଁ। ଉଦ୍‌ବୃତ ବର୍ଷାଜଳ ସଂରକ୍ଷିତ ରଖି ଆବଶ୍ୟକ ସମୟରେ ଚାଷଜମିକୁ ଯୋଗାଇବା ପାଇଁ ଓଷକଣା ପଞ୍ଚାୟତରେ ୨୦୧୩-୧୪ ଆର୍ଥିକ ବର୍ଷରେ ୩ଟି ଚେକ୍ ଡ୍ୟାମ ନିର୍ମାଣ କରାଯାଇଥିଲା। ସେହିପରି ଗଜରାଜପୁର ପଞ୍ଚାୟତର ଭାତପଡ଼ା ବିଶ୍ୱନାଥ ମନ୍ଦିର ଓ ମଠସାହିଠାରେ ୨ ଟି ଚେକଡ୍ୟାମ ନିର୍ମାଣ କରାଯାଇଛି। କିନ୍ତୁ ଜଳ ନିଷ୍କାସନ ଓ ସଂରକ୍ଷଣ କରିବା ତ ଦୂରର କଥା ଓଷକଣା ପଞ୍ଚାୟତରେ ନିର୍ମାଣ କରାଯାଇଥିବା ଚେକଡ୍ୟାମ କାମରେ ଲାଗିବା ପୂର୍ବରୁ ଭାଙ୍ଗିରୁଜି ଗଲାଣି। ଗଜରାଜପୁର ପଞ୍ଚାୟତରେ ନିର୍ମିତ ଚେକ ଡ୍ୟାମର ଉଚ୍ଚତା କମ୍ ଥିବାରୁ ସେଥିରେ ଜଳ ସଂରକ୍ଷଣ ଠିକ ଭାବେ ହୋଇପାରୁନାହିଁ। ସେହିପରି ଡାବର ପଞ୍ଚାୟତର ଚାଷଜମିକୁ ଜଳସେଚନ ପାଇଁ ବାଲିକୁଦା ଓ ମାଛଗାଁ କେନାଲ ରହିଛି। କିନ୍ତୁ ବର୍ତ୍ତମାନ ଜଳସେଚନର ଆବଶ୍ୟକତା ଥିବାବେଳେ ଏହି କେନାଲଗୁଡିକ ଶୁଖିଲା ପଡିଛି। ଅନୁରୂପ ଭାବେ ଆଳିପିଙ୍ଗଳ ଜଳସେଚନ ଡିଭିଜନ ଅଧୀନ ରୋହିଆ, ପାଞ୍ଚପା ଦେଇ ୧୯ନଂ. କେନାଲ, ଦେବୀଦୋଳ, ଗନ୍ଧଣ, ଗୋପାଳପୁର ଦେଇ ୧୯(ଇ), ବାଲିକୁଦା ଜଳସେଚନ ଅଧୀନ ମୁଣ୍ଡାଳ, ଜାମୁଗାଁ, କଣ୍ଟୁଣିଆ ଦେଇ ୧୬(ବି), ଅଲଣାହାଟ, ମଧୁପୁର, କୁଣ୍ଡେଶ୍ୱର ଦେଇ ୧୬(ଏ) କେନାଲ ଯାଇଛି। ଏହି ସବୁ କେନାଲରେ ମାସକୁ ୧୫ ଦିନ ପାଣି ଆସୁଥିବା ବେଳେ ଆଉ ୧୫ ଦିନ ବନ୍ଦ ରହୁଛି। ଫଳରେ ଚାଷଜମି ଆବଶ୍ୟକ ମୁତାବକ ଜଳସେଚନ ହୋଇପାରୁନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନଜମିରେ ଆବଶ୍ୟକ ପରିମାଣର ପାଣି ନ ଥିବାରୁ ଧାନ ଥୋଡ ବାହାରିବାରେ ବିଳମ୍ବ ହେଉଛି। ଯଦି ଆଗାମୀ ଦିନେ ୨ ଦିନ ମଧ୍ୟରେ ବର୍ଷା ନ ହୁଏ, ତେବେ ଧାନଚାଷ ବ୍ୟାପକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ବର୍ଷା ଅଭାବ ସମୟରେ କେନାଲ ପାଣି ଏକମାତ୍ର ଭରସା ହୋଇଥିବାରୁ କେନାଲରେ ପାଣି ଛାଡିବାକୁ ଚାଷୀମାନେ ଦାବି କରିଛନ୍ତି।



ନୀଚ ଲୋକଠାରେ ଯଦି ଉଚ୍ଚ ବିଦ୍ୟା ଥାଏ, ତେବେ ଜାତି ଧର୍ମ ନ ବିଚାରି ତାହା ଗ୍ରହଣ କରିବା ଉଚିତ, ଯେପରି ଶାମୁକା ଭିତରୁ ମୁକ୍ତା ସଂଗ୍ରହ ହୁଏ।
- ବ୍ୟାସଦେବ



## ସଂକ୍ଷେପରେ

### ସଫେଇ ଆଳରେ ସୁନାଚେନ୍ ଚୋରି, ଜଣେ ଗିରଫ

**ରସୁଲପୁର,୭।୧୦(ଡି.ଏନ.ଏ.):** ସଫେଇ ଆଳରେ ସୁନାଚେନ୍ ଚୋରି କରିବା ଘଟଣାରେ କୁଆଖିଆ ପୋଲିସ ରବିବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବିହାରର ପ୍ରଭାସ ସ୍ୱର୍ଣ୍ଣକାର। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ଏ ନେଇ ପୋଲିସ ଏକ ମାମଲା(୧୬୭/୧୮) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତର ସ୍ୱର୍ଗତ ସନ୍ତୋଷ ନାୟକଙ୍କ ସ୍ତ୍ରୀ ଇନ୍ଦୁମତିଙ୍କ ଘରେ ଶନିବାର ୨ ଜଣ ସ୍ୱର୍ଣ୍ଣକାର ପହଞ୍ଚି ପିତ୍ତଳ, ରୂପା ଓ ସୁନା ଜିନିଷ ସଫା କରିବା କଥା ପଚାରିଥିଲେ। ଇନ୍ଦୁମତି ବେକରେ ପିନ୍ଧିଥିବା ସୁନା ଚେନ୍ ସଫା କରିବା ପାଇଁ ଦେଇଥିଲେ। ସଫା କରିବା ପୂର୍ବରୁ ଚେନ୍ ଓଜନ କରିବାକୁ କହିଥିଲେ । ଚେନ୍‌ର ଓଜନ ୧୪.୭୦୦ଗ୍ରାମ ହୋଇଥିଲା । ଚେନ ସଫା କରିବା ପରେ ହାଲକା ଲାଗିବାରୁ ପୁନଶ୍ଚ ଓଜନ ଓଜନ କରିବାରୁ ୮.୫୦୦ଗ୍ରାମ ହୋଇଥିଲା । ଏ ନେଇ ସ୍ୱର୍ଣ୍ଣକାର ପ୍ରଭାସଙ୍କ ସହ ପରିବାର ଲୋକଙ୍କର ଝଗଡା ହୋଇଥିଲା । ଏହା ଦେଖି ବାହାରେ ଛିଡା ହୋଇଥିବା ଅନ୍ୟ ଜଣେ ଘଟଣାସ୍ଥଳରୁ ଖସି ପଳାଇଥିବା ବେଳେ ପରିବାର ଲୋକେ ପ୍ରଭାସଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ । ପୋଲିସ ତାଙ୍କୁ ପଚରାଉଚୁରା କରିବାରୁ ସେମାନେ ଦୀର୍ଘଦିନ ହେବ ବିହାରରୁ ଆସି ଓଡ଼ିଶାରେ ରହୁଥିବା ପ୍ରକାଶ କରିଥିଲେ ।

### ମାଙ୍କଡା ପଥରକଟା ମେଶିନ ଜବତ

**ଛତିଆ,୭।୧୦(ଡିଏନ୍ଏ):** ବୈରୀ ଥାନାଧିକାରୀ ନିରଞ୍ଜନ ଶବର ଶନିବାର ବିଳମ୍ବିତ ରାତିରେ ବୈରୀ ଅଞ୍ଚଳରେ ବେଆଇନ ମାଙ୍କଡା ଖାଦାନ ଉପରେ ଚଢ଼ାଉ କରୁଥିବା ସମୟରେ ମାଙ୍କଡା ପଥର କଟା ମେଶିନ୍ ଜବତ କରିଛନ୍ତି। ସୂଚନାଯୋଗ୍ୟ, ଶନିବାର ବିଳମ୍ବିତ ରାତିରେ ବୈରୀ ପଞ୍ଚାୟତ ଝାଟିଆପଡା ମୌଜାର ଏକ ବେଆଇନ ଖାଦାନରେ ମାଙ୍କଡା ପଥର କଟା ହେଉଥିବା ବେଳେ ଏକ ମେଶିନ ଜବତ କରାଯାଇଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ମାଫିଆମାନେ ଫେରାର ହୋଇଯାଇଥିଲେ। ପୋଲିସ ମେଶିନ ଜବତ କରି ଥାନାକୁ ଆଣିଥିଲା। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ଡୁବୁରୀରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

**ଡୁବୁରୀ, ୭।୧୦(ଡି.ଏନ୍.ଏ.):** ଡୁବୁରୀସ୍ଥିତ କପିଳେଶ୍ୱର ମହାବିଦ୍ୟାଳୟ ପରିସରରେ ରବିବାର ସୁକିନ୍ଦା ବିଜୁ ଜନତା ଦଳ ଆହ୍ୱାନ କ୍ରମେ ଜୀବନ ବିନ୍ଦୁ ରକ୍ତ ଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ୨ଶହ ୟୁନିଟ ରକ୍ତ ସଂଗୃହୀତ ହୋଇଛି । ସୁକିନ୍ଦା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଡୁବୁରୀଠାରେ ବାରଗାଡିଆ, ଡୁବୁରୀ, ନଡିଆଭଙ୍ଗା, ରଣାଗୁଣ୍ଡି ପଞ୍ଚାୟତର ୨ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ରକ୍ତଦାନ କରିଥିବା ଜଣାପଡିଛି। ଭୁବନେଶ୍ୱର ବ୍ଲଡ ବ୍ୟାଙ୍କର କର୍ମଚାରୀମାନେ ଶିବିରରେ ନିୟୋଜିତ ହୋଇ ରକ୍ତ ସଂଗ୍ରହ କରିଥିଲେ। ୯ ନମ୍ବର ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ରାଉତ ଶିବିରକୁ ଉଦ୍‌ଘାଟନ କରିଥିଲେ। ସୁକିନ୍ଦା ବିଧାୟକ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡୁବୁରି ୟୁଥ୍ କ୍ଲବର ସୁଜିତ ରାଉତ, ଜିତୁ ନାୟକ, ଜୟନ୍ତ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

## ପାଣିକୋଇଲିରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର ଧରିଲା

# ମହାସମାବେଶରେ ଗର୍ଜିଲେ ନେତା

- ମେଡିକାଲ କଲେଜ ପ୍ରତିଷ୍ଠା ନ ହେଲେ ହେବ ଆନ୍ଦୋଳନ
- ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଯୋଗଦାନ
- ଜିଲା ପ୍ରଶାସନକୁ ଦାୟୀ କଲେ

**କୋରେଇ,୭।୧୦(ସ୍ୱ.ପ୍ର.)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଭାଗିତାରେ ଯାଜପୁର ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ମାତ୍ର ଯାଜପୁର ଜିଲା ସଦରମହକୁମା ବା ଜିଲା ଚିକିତ୍ସାଳୟରେ ଆବଶ୍ୟକ ଭିତ୍ତିଭୂମିର ଅଭାବ ଯୋଗୁ ସରକାରୀ ବ୍ୟବସ୍ଥାନୁଯାୟୀ ଏହା ୧୦ କିମି ପରିଧି ମଧ୍ୟରେ କରାଯିବା କଥା। କିନ୍ତୁ ଜିଲା ପ୍ରଶାସନ ଡିଏମଏଫ ଫଣ୍ଡକୁ ବେଆଇନଭାବେ ଜମିକିଣାରେ ଖର୍ଚ୍ଚ କରୁଛି। ପାଣିକୋଇଲିରେ ପର୍ଯ୍ୟାପ୍ତ ସରକାରୀ ଜମି, ଗମନାଗମନ ସୁବିଧା, ବନ୍ୟା ମୁକ୍ତ ଅଞ୍ଚଳ ହୋଇଥିବା ବେଳେ ସମସ୍ତ ସରକାରୀ ସୁବିଧା ଥାଇ ପାଣିକୋଇଲିରେ କାହିଁକି ମେଡିକାଲ କଲେଜ ନ ହେବ ସେ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ସ୍ୱର୍ଗତ ବିଜୁ ପଟ୍ଟନାୟକ ଜିଲାର ସଦର ମହକୁମା ପାଣିକୋଇଲିଠାରେ କରାଯିବାକୁ ନିଷ୍ପତ୍ତି ନେଇ ଜଯାତିନଗର ନାମ କରଣ କରିଥିଲେ। ଏସ୍‌ପିଙ୍କ କାର୍ଯ୍ୟାଳୟ ପାଣିକୋଇଲିରେ ଥିବାବେଳେ ଚଞ୍ଚକତା କରି ଜିଲାପାଳଙ୍କ କାର୍ଯ୍ୟାଳୟ ଯାଜପୁରରେ କରାଯାଇ ବିଜୁ ବାବୁଙ୍କ ସ୍ୱପ୍ନକୁ ଅଧୁରା ରଖାଗଲା। ବିଜୁ ବାବୁଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ମେଡିକାଲ କଲେଜ କରାଯିବା ଆବଶ୍ୟକତା ରହିଛି ବୋଲି କୁହାଯାଇଛି। ପାଣିକୋଇଲିରେ ମେଡିକାଲ କଲେଜ ଦାବିରେ ବିଭିନ୍ନ ଆନ୍ଦୋଳନ ପରେ ରବିବାର ଅପରାହ୍ନରେ ମହାସମାବେଶ ଅନୁଷ୍ଠିତ ହୋଇଛି। କ୍ରିୟାନୁଷ୍ଠାନ କମିଟି ଅବାହକ ଧରଣୀଧର ଘଡାଇଙ୍କ ସଭାପତିତ୍ୱ ଏବଂ ସୁବାସ ଧଳଙ୍କ ସଞ୍ଚଳନାରେ ଏହି ସର୍ବ ଦଳୀୟ ମହାସମାବେଶ ଅନୁଷ୍ଠିତ ହୋଇଛି। ଡା. ନିର୍ମଳ ରଥ ଅନ୍ଦୋଳନର ସୂଚନା ପ୍ରଦାନ କରିଥିବା ବେଳେ ରାକେଶ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିଭାବେ ସିପିଏମ ରାଜ୍ୟ ସମ୍ପାଦକ ସନ୍ତୋଷ ଦାସ, ବ୍ୟାସନଗର ପୂର୍ବତନ ପୌରାଧକ୍ଷା ବନ୍ଦିତା ପରିଡା ଯୋଗଦେଇ କହିଥିଲେ, ଜିଲାରେ ୭ଜଣ ବିଜୁ ଜନତା ଦଳର ବିଧାୟକ ଓ ଏମ୍‌ପି ବି ବିଜୁ ଜନତା ଦଳର ଥିବା ବେଳେ ଜଣେ ବିଧାୟକଙ୍କ କଥାରେ ଜିଲାପାଳ ଯାଜପୁରଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ଜାଗା ଚିହ୍ନଟ କରିଛନ୍ତି। ପାଣିକୋଇଲିଠାରେ ସରକାରୀ ଜମି ୧୩୩ ଏକର ମହଜୁତ ଥିବା ଓ ଗମନାଗମନ ଦୃଷ୍ଟିରୁ ପାଣିକୋଇଲି ଜାତୀୟ ରାଜପଥକୁ ସଂଯୋଗ କରୁଥିବା ବେଳେ ମାତ୍ର ୧୦କିମି. ଦୂର ବ୍ୟାସନଗର ସହରରେ ରେଳଷ୍ଟେସନ ଅବସ୍ଥିତ। ଭଦ୍ରକ, ଢେଙ୍କାନାଳ, କେନ୍ଦ୍ରପଡ଼ା ଓ ମୟୂରଭଞ୍ଜ ଭଳି ଜିଲାକୁ ପାଣିକୋଇଲି ଗମନାଗମନ କ୍ଷେତ୍ରରେ ସୁବିଧା ଥିବାରୁ ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ହେଲେ ଯାଜପୁର ଜିଲା ସହ ପାଖ ଜିଲା ବାସିନ୍ଦାମାନେ ଉପକୃତ ହେବେ ବୋଲି ପରିଡ଼ା କହିଥିଲେ। ବ୍ୟାସନଗରର ପୂର୍ବତନ ନଗରପାଳ ହୃଷୀକେଶ ରାଉତ ସ୍ୱର୍ଗତ ଅଶୋକ ଦାସଙ୍କ ପୁଅଙ୍କ ଉପରେ ବର୍ଷିଥିଲେ। ବ୍ୟାସନଗର କ୍ରିୟାନୁଷ୍ଠାନ କମିଟି ଆବାହକ ଚନ୍ଦ୍ରଶେଖର ପଣ୍ଡା, ବିବେକାନନ୍ଦ ମହାନ୍ତି, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ପଦ୍ମାକର ଗୁରୁ କହିଥିଲେ, ପାଣିକୋଇଲିଠାରୁ ନବୀନ ନିବାସ ପର୍ଯ୍ୟନ୍ତ କୋରେଇ ଲୋକ ଚାଲିଚାଲି ରାଲି କରି ମେଡିକାଲ କଲେଜ ଦାବି ନେଇ ପହଞ୍ଚିବେ। ସୂଚନାଧିକାର କର୍ମୀ ସର୍ବେଶ୍ୱର ବେହୁରା, ସିପିଏମ ଜିଲା ସମ୍ପାଦକ ପ୍ରଫୁଲ୍ଲ ନାୟକ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ସୁରେନ୍ଦ୍ର ରାୟ, ଯାଜପୁର ଏକତା ମଞ୍ଚ ସଭାପତି ଗୟାଧର ମଲ୍ଲିକ, ବ୍ୟାସନଗର ବିଜେଡି ସଭାପତି ବ୍ରଜ କିଶୋର ରାଉତ, ପାଣିକୋଇଲି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା, କୃଷକ ନେତା ବଳରାମ ସାହୁ, ସୂର୍ଯ୍ୟମଣି ପଣ୍ଡା, କଂଗ୍ରେସ ବ୍ଲକ ସଭାପତି ମଧୁସୂଦନ ସାହୁ, ବରିଷ୍ଠ ନେତା ହରେକୃଷ୍ଣ ସାହୁ, ପିତାମ୍ବର ନନ୍ଦ ପ୍ରମୁଖ ଯୋଗଦେଇ ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜଣାଇଥିଲେ। ଜୟନ୍ତୀ ସାହୁ, ପ୍ରମୋଦ ସାହୁ, ସରପଞ୍ଚ ପ୍ରକାଶ ମଲିକ, ସୁରେଖା ସେଠୀଙ୍କ ସମେତ ବହୁ ଜନପ୍ରତିନିଧି ଯୋଗଦେଇଥିଲେ। ଡା. ସୁରେଶ ପଣ୍ଡା, ସନ୍ତୋଷ ବେହେରା, ତାରିଣୀ ପଟ୍ଟନାୟକ, ମାନସ ରାୟ, ମୁସ୍ତାକ ଅଲ୍ଲୀ, ଅରୁପାନନ୍ଦ ମଲ୍ଲିକ, ଦେବବ୍ରତ ମହାପାତ୍ର, ଜିତେନ୍ଦ୍ର ବେହେରା, ଅଶୋକ ବେହେରା ଓ ଆମେ ବିପଦର ସାଥୀ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହାସମାବେଶରେ ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ର, ଯୁବକ, କୃଷକ, ଶ୍ରମିକ, ଶିକ୍ଷାବିତ୍, ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଆଗାମୀ ଦିନରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଆନ୍ଦୋଳନକୁ ବ୍ୟାପକ କରିବାକୁ ଆହ୍ୱାନ ଦିଆଯାଇଥିଲା। ଶେଷରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଘନଶ୍ୟାମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




ମହାସମାବେଶରେ ଉପସ୍ଥିତ ନେତା ଓ ଅନ୍ୟମାନେ।

## ଷଷ୍ଠ ଦିନରେ ମା' ବିରଜାଙ୍କ ବିଶେଷ ଷୋଡ଼ଶୋପଚାର ପୂଜା



**ବିରଜାକ୍ଷେତ୍ର,୭।୧୦(ଡି.ଏନ.ଏ.)**

ଦୁର୍ଗା ପୂଜା ନିମନ୍ତେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ବିଶେଷ ଷୋଡ଼ଶୋପଚାର ପୂଜା ଦ୍ୱିତୀୟାଷ୍ଟମୀରୁ ଆରମ୍ଭ ହୋଇ ରବିବାର ଷଷ୍ଠ ଦିନରେ ପହଞ୍ଚିଛି। ବିଶେଷ ଷୋଡ଼ଶୋପଚାର ପୂଜା ପରମ୍ପରା ଓ ରୀତିନୀତ ଅନୁଯାୟୀ ହୋଇଥିଲା। ମା'ଙ୍କ ମନ୍ଦିରରେ ଥିବା ନାଭିଗୟା ଅନ୍ୟତମ ପିଣ୍ଡଦାନ କ୍ଷେତ୍ରରୂପେ ସାରା ବିଶ୍ୱବିଦିତ। ପିତୃପକ୍ଷ ଚାଲିଥିବାରୁ ନାଭିଗୟାରେ ପିଣ୍ଡଦାନ ନିମନ୍ତେ ଭକ୍ତଙ୍କ ଭିଡ଼ ଜମିଥିଲା। ଓଡ଼ିଶା ସମେତ ଭାରତବର୍ଷର ବିଭିନ୍ନ ରାଜ୍ୟର ଭକ୍ତମାନେ ପିତୃପକ୍ଷ ନିମନ୍ତେ ନାଭିଗୟାକୁ ଆସି ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଇଥିଲେ।

## ତହସିଲ ପ୍ରଶାସନକୁ ଯାଜପୁର ଏକତା ମଞ୍ଚର ଚେତାବନୀ

# ଅନନ୍ତଙ୍କ ପରିବାରକୁ ବାସଚ୍ୟୁତ କଲେ ରାଜରାସ୍ତାକୁ ଓହ୍ଲାଇବୁ

**ରସୁଲପୁର,୭।୧୦(ଡି.ଏନ.ଏ.)**

ରସୁଲପୁର ତହସିଲ ପ୍ରଶାସନ ପକ୍ଷରୁ ନରସିଂହପୁର ରାଜସ୍ୱ ସର୍କଲ ଅଧୀନ ରାହାମ୍ବ ପଞ୍ଚାୟତର ଅନୁସୂଚିତଜାତିର ଅନନ୍ତ ମଳିକଙ୍କ ପରିବାରକୁ ବାସଚ୍ୟୁତ କରିବା ପାଇଁ ଚକ୍ରାନ୍ତ କରାଯାଇଛି। ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଚାପରେ ତହସିଲ ପ୍ରଶାସନ ଏଭଳି କରୁଛି ବୋଲି ଦଳିତ ସଂଘ ଯାଜପୁର ଏକତା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ଏହାକୁ ନେଇ ଏକତା ମଞ୍ଚ ପକ୍ଷରୁ ରବିବାର କୁଆଖିଆ ବଜାରଠାରେ ମଞ୍ଚ ସଭାପତି ଗୟାଧର ମଲିକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୁହାଯାଇଛି ଯେ, ଦୀର୍ଘଦିନ ହେବ ସରକାରୀ ଜମିରେ ଚାଳଘର କରି ଅନନ୍ତଙ୍କ ପରିବାର ରହୁଛନ୍ତି। ତେବେ ଉକ୍ତ ଜମିରୁ ଅନନ୍ତଙ୍କ ପରିବାରକୁ ହଟାଇବା ପାଇଁ ପଞ୍ଚାୟତର କେତେଜଣ ରାଜନୈତିକ ବ୍ୟକ୍ତି ଚକ୍ରାନ୍ତ ଚଳାଇଛନ୍ତି। ଏ ଦିଗରେ ରସୁଲପୁର ତହସିଲଦାର ପ୍ରତାପଚନ୍ଦ୍ର ରାଉତଙ୍କ ଉପରେ ଚାପ ପ୍ରୟୋଗ କରାଯାଉଛି। ସେହି ଅନୁସାରେ ତହସିଲ ପକ୍ଷରୁ ଅନନ୍ତଙ୍କୁ ବାସଚ୍ୟୁତ କରିବା ପାଇଁ ଚେତାବନୀ ଦିଆଯାଉଛି। ଏହା ଜଣାପଡ଼ିବା ପରେ ମଞ୍ଚର ଏକ ପ୍ରତିନିଧି ଦଳ ତହସିଲଦାର ରାଉତଙ୍କୁ ଭେଟି ଆଲୋଚନା କରିଥିଲେ। ଅନନ୍ତଙ୍କ ଘର ନ ଭାଙ୍ଗିବା ପାଇଁ ତହସିଲଦାର ଏକତା ମଞ୍ଚକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହାସତ୍ତ୍ୱେ ତହସିଲଦାର ଆସନ୍ତା ୧୦ ତାରିଖରେ ଅନନ୍ତଙ୍କ ଘର ଭାଙ୍ଗିବା ପାଇଁ ନୋଟିସ ଜାରି କରିଛନ୍ତି। ଏହାକୁ ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ପଞ୍ଚାୟତର ବହୁ ସରକାରୀ ଜମି କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜବରଦଖଲରେ ରହୁଛି। ହେଲେ ସେଥିପ୍ରତି ପ୍ରଶାସନ ଆଖି ବୁଜି ଦେଇଥିବାବେଳେ କେବଳ ଜଣେ ଦଳିତ ପରିବାରର ବାସଗୃହକୁ ଭାଙ୍ଗିବା ପାଇଁ ହୀନ ଚକ୍ରାନ୍ତ କରାଯାଉଛି ବୋଲି ମଞ୍ଚ ଅଭିଯୋଗ କରିଛି। ପ୍ରଶାସନର ଏ ପ୍ରକାର ପକ୍ଷପାତିତାକୁ ବରଦାସ୍ତ କରାଯିବ ନାହିଁ। ତହସିଲ ପ୍ରଶାସନ ପକ୍ଷରୁ ଅନନ୍ତଙ୍କ କ୍ଷେତ୍ରରେ ନିଆଯାଇଥିବା ନିଷ୍ପତ୍ତିର ପୁନଃ ବିଚାର କରା ନ ଗଲେ ମଞ୍ଚ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଭାପତି ମଲିକ ବୈଠକରେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ରାଉତଙ୍କୁ ପଚାରିବାରୁ ସେ ସ୍ୱାସ୍ଥ୍ୟ ଖରାପ ଯୋଗୁ ଛୁଟିରେ ଥିବାରୁ କୌଣସି ପ୍ରତିକ୍ରିୟା ଦେଇ ପାରିବେ ନାହିଁ ବୋଲି କହିଥିଲେ।

## ନାବାଳିକା ଗଣବଳାତ୍କାର ଘଟଣା

# ଦୁଇ ଅଭିଯୁକ୍ତ ଗିରଫ

**ବିଞ୍ଝାରପୁର,୭।୧୦(ଡି.ଏନ.ଏ.)**

ବିଞ୍ଝାରପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ହୋଇଥିବା ଗଣବଳାତ୍କାର ଘଟଣାରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗଣବଳାତ୍କାର ଘଟଣା ନେଇ ଗତ ଶୁକ୍ରବାର ରାତିରେ ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା ନଂ-୨୪୦/୧୮ ରୁଜୁ ହୋଇଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ କଏଣା-ରଘୁନାଥପୁର ଅଧୀନ ପିତେଇ ସାହିର ସନ୍ତୋଷ ଯେନା(୨୩)ଙ୍କୁ ପୋଲିସ ଶନିବାର ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତ ଆଦୋ ଖାଁ(୨୨)ଙ୍କୁ ରବିବାର ଗିରଫ କରିଛି। ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଗତ ବୁଧବାର ନାବାଳିକା ଜଣଙ୍କ ସ୍କୁଲ ଯାଉଥିବା ବେଳେ ପ୍ରଲୋଭନ ଦେଖାଇ ସନ୍ତୋଷ ଓ ତାଙ୍କର କେତେଜଣ ସହଯୋଗୀ ନାବାଳିକାଙ୍କୁ ରାସ୍ତାରୁ ଅପହରଣ କରି ନେଇ ଗଣବଳାତ୍କାର କରିଥିଲେ। ଦୁଇ ଦିନ ପରେ ନାବାଳିକାଙ୍କ ମା' କୌଣସି ସୂତ୍ରରୁ ଖବର ପାଇ ବିଞ୍ଝାରପୁର ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲା।

## ତହସିଲଦାର, ଅତିରିକ୍ତ ତହସିଲଦାରଙ୍କ ଅନୁପସ୍ଥିତି

# ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ

**ରସୁଲପୁର,୭।୧୦(ଡିଏନଏ)**

ରସୁଲପୁର ତହସିଲଦାର ପ୍ରତାପଚନ୍ଦ୍ର ରାଉତ ଅସୁସ୍ଥତା ଯୋଗୁ ଛୁଟିରେ ଅଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲଦାର ରମାକାନ୍ତ ଦାସଙ୍କୁ ଟ୍ରେନିଂରେ ପଠାଇ ଦିଆଯାଇଛି। ପ୍ରାୟ ସପ୍ତାହେରୁ ଊର୍ଦ୍ଧ୍ୱ ହେବ ଉଭୟ ଅଧିକାରୀ ଅନୁପସ୍ଥିତ ଥିବାରୁ ଜନସାଧାରଣ ସରକାରୀ ସେବାରୁ ବଞ୍ଚିତ ହେଉଛନ୍ତି। ଏଥିସହ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଲୋକେ ଜାତିଗତ, ଆୟକର, ବାସଗୃହ ପ୍ରମାଣପତ୍ର ପାଇପାରୁ ନାହାନ୍ତି। ଜମିଜମା ସମସ୍ୟା, ପଟ୍ଟା ପ୍ରଦାନ, ଘରବାଡି, ଜବର ଦଖଲ ଆଦି ସମସ୍ୟା ସମାଧାନ ହୋଇପାରୁନାହିଁ । ସରକାରୀ ରାଜସ୍ୱ ଆଦାୟ ମଧ୍ୟ ହୋଇପାରୁନାହିଁ। ଉପରିସ୍ଥ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ବାଲି ମାଫିଆଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି । ଅତିରିକ୍ତ ତହସିଲଦାର ଦାସ ଆସନ୍ତା ଫେବୃୟାରୀରେ କାର୍ଯ୍ୟରୁ ଅବସର ନେବେ । ଜିଲା ପ୍ରଶାସନ ଏ ସମ୍ପର୍କରେ ଅବଗତ ଥାଇ ମଧ୍ୟ ତାଙ୍କୁ ଟ୍ରେନିଂରେ ପଠାଇବାରୁ ତହସିଲରେ ଏଭଳି ପରିସ୍ଥିତି ଉପୁଜିଛି ବୋଲି କର୍ମଚାରୀଙ୍କ ମହଲରେ ଚର୍ଚ୍ଚା ହେଉଛି । କାମ ଚଳିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଧର୍ମଶାଳା ତହସିଲର ଅତିରିକ୍ତ ହସିଲଦାରଙ୍କ ବଦଳି ହେବା ପରେ ଅତିରିକ୍ତ ତହସିଲଦାର ଶିତଲ ଅଗ୍ରୱାଲଙ୍କ ଉପରେ ତହସିଲର ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏହା ସତ୍ତ୍ୱେ ମଧ୍ୟ ନିୟମିତ କାର୍ଯ୍ୟଧାରା ଠିକ୍‌ଭାବେ ହୋଇପାରୁନାହିଁ।

# ରଥଯାତ୍ରା ପାଇଁ ଶ୍ରୀବିରଜା ସେବା ସମିତିର ପ୍ରସ୍ତୁତି ବୈଠକ

**ବିରଜାକ୍ଷେତ୍ର,୭।୧୦(ଡି.ଏନ.ଏ.)**

ମା' ବିରଜାଙ୍କ ରଥଯାତ୍ରା ପାଇଁ ରବିବାର ଶ୍ରୀବିରଜା ସେବାସମିତିର ଏକ ପ୍ରସ୍ତୁତି ବୈଠକରେ ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଣ୍ଡବ ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ରଥଯାତ୍ରାରେ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ପାଇଁ ଏକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବୈଠକରେ ମା'ଙ୍କ ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ରଥଯାତ୍ରାର ଧାରାବିବରଣୀ ପୂର୍ବ ବର୍ଷ ପରି ପ୍ରଦାନ କରାଯିବ। ମହାଷ୍ଟମୀରେ ସମିତି ପକ୍ଷରୁ ମା'ଙ୍କ କାନିକା ପ୍ରସାଦ ବଣ୍ଟନ କରାଯିବ। ଧାରାବିବରଣୀ ମଞ୍ଚରେ ତ୍ରିଦିବସ ଧରି ଭଜନ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବାକୁ ସ୍ଥିର ହୋଇଛି। ରଥଟଣା ସମୟରେ ଭକ୍ତଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ରଥଯାତ୍ରା ସମୟରେ ସମିତି ସଭ୍ୟମାନେ ସମିତିର ବ୍ୟାଚ ପିନ୍ଧି ଶାନ୍ତି ଶୃଙ୍ଖଳା ରକ୍ଷାକରିବେ। କାର୍ଯ୍ୟକ୍ରମ ପାଇଁ ସଭ୍ୟମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଛି। ସଭ୍ୟଭାବେ ଯାଜପୁରରେ ପୂର୍ବତନ ଜିଲାପାଳ କାଶୀନାଥ ସାହୁ, ବଲ୍ଲଭାନନ୍ଦ ପଣ୍ଡା, ସଂଗ୍ରାମ ସାମଲ, ବୃନ୍ଦାବନ ମିଶ୍ର, ଗୋପାଳ ପାତ୍ର ଓ ଲକ୍ଷ୍ମୀ ନାରାୟଣ ପତିଙ୍କୁ ଗ୍ରହଣ କରାଯାଇଛି। ସୁବାସ ମହାପାତ୍ର, ପ୍ରମୋଦ ଦ୍ୱିବେଦୀ, ରାଧାରମଣ ଦାସ, ପ୍ରଫୁଲ୍ଲ ପଣ୍ଡା, ଦେବୀ ପ୍ରସାଦ ପାଣି, ବନବିହାରୀ ମହାପାତ୍ର, ବ୍ରଜ କିଶୋର ମହାନ୍ତି, ନବକିଶୋର ଦାସ, କ୍ଷୀରୋଦ ଚନ୍ଦ୍ର ପାଠୀ, ସୁବାସ ଚନ୍ଦ୍ର ମହାନ୍ତି, ଅକ୍ଷୟ ବେହେରା, ନଟବର ନାୟକ, ହରିହର ବେହେରା ଓ ବିରଜା ପ୍ରସାଦ ପାଣି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକ ପରେ ସମିତି ସଭ୍ୟଙ୍କ ଦ୍ୱାରା ମନ୍ଦିର ପରିସର ସଫେଇ କରାଯାଇଥିଲା।

# ଜୋରଦାର ଚାଲିଛି ନିର୍ବାଚନୀ ପ୍ରଚାର

**ଛତିଆ,୭।୧୦(ଡି.ଏନ୍.ଏ)**

ଛାତ୍ର ସଂସଦ ନିର୍ବାଚନ ପାଇଁ ବଡଚଣା ବ୍ଲକ ଛତିଆସ୍ଥିତ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟରେ ନିର୍ବାଚନୀ ପ୍ରଚାର ଜୋରଦାର ଚାଲିଛି। ନଭେମ୍ବର ୧୧ ତାରିଖରେ ନିର୍ବାଚନ ପାଇଁ ସରକାରୀ ସ୍ତରରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନାମାଙ୍କନପତ୍ର ଦାଖଲ ହୋଇ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ପ୍ରାର୍ଥୀମାନେ ସମର୍ଥକଙ୍କ ସହ ଘର ଘର ବୁଲି ପ୍ରଚାର କରୁଛନ୍ତି। ସୋସିଆଲ ମିଡିଆ ନିର୍ବାଚନୀ ପ୍ରଚାରର ଏକ ମୁଖ୍ୟ ଅସ୍ତ୍ର ପାଲଟିଛି। ସମର୍ଥକଙ୍କୁ ଖୁସି କରିବା ପାଇଁ ପ୍ରାର୍ଥୀ ଦେଇଥିବା ଦଳୀୟ ନେତା ଭୋଜିଭାତର ଆୟୋଜନ କରୁଛନ୍ତି। ଅପରପକ୍ଷରେ ପ୍ରାର୍ଥୀମାନେ ଦଳୀୟ ନେତାଙ୍କୁ ସାଙ୍ଗରେ ଧରି ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ନେତାମାନେ ସମର୍ଥିତ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ଛାତ୍ର ସଂସଦ ନିର୍ବାଚନକୁ ନେଇ ବଡ଼ଚଣା ରାଜନୀତିର ମାହୋଲ ସରଗରମ ରହିଛି।

# ୨୪ ଘଣ୍ଟା ସ୍ୱାସ୍ଥ୍ୟସେବା ପାଇଁ ଦାବି

**ଧର୍ମଶାଳା, ୭।୧୦(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟା ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ରବିବାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ମେଡିକାଲ ପରିସରରେ ଅନୁଷ୍ଠିତ ବୈଠକରେ ଦାବି କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ ପାଇଁ ମଞ୍ଚ ବିଭାଗୀୟ ଅଧିକାରୀ ତଥା ସରକାରଙ୍କ ଉଦ୍ଦେଶ୍ୟରେ ଦାବି କରିଛି। ସରୋଜକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମନୋଜ କୁମାର ଧୀର, ସରପଞ୍ଚ ଅରୁଣ କୁମାର ପରିଡ଼ା, ବାମଦେବ ରାଉତ, ଅକ୍ଷୟ କୁମାର ସାହୁ, ବନମାଳୀ ରାଉତ, ପୂର୍ବତନ ଦିଲୀପ କୁମାର ରାଉତ, ଦୁର୍ଯ୍ୟୋଧନ ବେହେରା, ଶ୍ରୀକାନ୍ତ କୁମାର ଦାଶ, ବିପିନ ଚନ୍ଦ୍ର ଧୀର, ପ୍ରଫୁଲ୍ଲ କୁମାର ସେଠୀ, ଘନଶ୍ୟାମ ରାଉତ, ବାବାଜୀ କାଏସ୍ଥ, ହୃଦାନନ୍ଦ ମଲିକ, ପ୍ରଶାନ୍ତ କୁମାର ସାହୁ, ଶ୍ରୀଧର ସାହୁ, ବସନ୍ତ କୁମାର ମହାରଣା, ଚକ୍ରଧର ପରୀକ୍ଷା, ମଳୟ ବଳ, ଅଶୋକ କୁମାର ସାହୁ, ଦିଲୀପ ସାହୁ, ପରମାନନ୍ଦ ସାହୁ ପ୍ରମୁଖ ମଞ୍ଚରେ ଅଭିଭାଷଣ ରଖିଥିଲେ। କବାଟବନ୍ଧ ମେଡ଼ିକାଲ ଉପରେ ସ୍ଥାନୀୟ ଅଞ୍ଚଳର ୯ଟି ପଞ୍ଚାୟତ ସମେତ ସୁକିନ୍ଦା, ଦାନଗଦି ଓ ଢେଙ୍କାନାଳ ଜିଲାର କେତେକ ଗ୍ରାମବାସୀ ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ଚଣ୍ଡିଖୋଲ-ଡୁବୁରି ଜାତୀୟ ରାଜପଥ ଓ ସ୍ଥାନୀୟ ଅଞ୍ଚଳର ଶହଶହ କ୍ରସର ତଥା ଖଣିଖାଦାନରେ ଦୁର୍ଘଟଣାରେ ଗୁରୁତରଙ୍କୁ ଉକ୍ତ ମେଡ଼ିକାଲ ଉପରେ ନିର୍ଭର କରିଥାନ୍ତି। ରାତିରେ ଡାକ୍ତର ରହୁ ନ ଥିବାରୁ ରୋଗୀ ନାନା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ପ୍ରାଥମିକ ଚିକିତ୍ସା ନ ପାଇ ଅନେକ ମୃତ୍ୟୁ ମୁଖରେ ପଡୁଛନ୍ତି। ତେଣୁ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଁ ମଞ୍ଚ ପକ୍ଷରୁ ଦସ୍ତଖତ ଅଭିଯାନ କରାଯାଉଛି। ଆଗାମୀ ଦିନରେ ଏକ ପ୍ରତିନିଧି ମଣ୍ଡଳୀ ଯାଜପୁର ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଧର୍ମଶାଳା ବିଧାୟକଙ୍କ ସମେତ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଗଗନ ମହାନ୍ତି, ସୁବ୍ରତ ସାହୁ, ଲଳିତ ଜେନା, ଦେବାଶିଷ ବେହେରା, ସଦାନନ୍ଦ ମହାରଣା, ଯଶୋବନ୍ତ ସାହୁ, ମନୋଜ ପ୍ରଧାନ ସଭା ପରିଚାଳନା କରିଥିଲେ ।

# ମଧ୍ୟାହ୍ନଭୋଜନରେ ଅନିୟମିତତା ଅଣାୟତ୍ତ

## ନାରିଗାଁ ନୋଡାଲ ଉଚ୍ଚ ବିଦ୍ୟାଳୟ

- ପ୍ରଧାନଶିକ୍ଷକ ଅର୍ଥ ଲୁଟ୍ କରୁଥିବା ଅଭିଯୋଗ
- ବିଦ୍ୟାଳୟରେ ୧୯୮ ଛାତ୍ରୀଛାତ୍ର ଥିବାବେଳେ ଦର୍ଶାଯାଇଛି ୨୫୮
- ଉପସ୍ଥାନ ଦେଖାଇବାକୁ ମନା କଲେ ଦାୟିତ୍ୱରେ ଥିବା ଶିକ୍ଷକ

**ଦଶରଥପୁର,୭।୧୦(ଡିଏନ୍ଏ)**

ସରକାର ନିରକ୍ଷରତା ମୂଳୋତ୍ପାଟନ କରିବା ସହ କୋମଳମତି ଶିଶୁଙ୍କୁ ବିଦ୍ୟାଳୟାଭିମୁଖୀ କରାଇବା ପାଇଁ ମଧ୍ୟାହ୍ନଭୋଜନ ଯୋଗାଇ ଦେଉଛନ୍ତି। ମାତ୍ର ଦାୟିତ୍ୱରେ ଥିବା କେତେଜଣ ଅଧିକାରୀ ସରକାରଙ୍କ ଯୋଜନାକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ନିଜ ସ୍ୱାର୍ଥ ପାଇଁ ମଧ୍ୟାହ୍ନଭୋଜନରେ ଅନିୟମିତତା କରୁଥିବା ଜଣାପଡିଛି। ଏହାର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ ଅଧୀନ ଜାଫରପୁର ପଞ୍ଚାୟତସ୍ଥିତ ନାରିଗାଁ ନୋଡାଲ ଉଚ୍ଚ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଚଞ୍ଚକତା କରି ମଧ୍ୟାହ୍ନଭୋଜନ ଅର୍ଥକୁ ହଡପ କରୁଥିବା ଶୁକ୍ରବାର ଜାଫରପୁର ପଞ୍ଚାୟତର ଜନସାଧାରଣ ବ୍ଲକ ଶିକ୍ଷାଧିକାରୀଙ୍କୁ ଫୋନ୍ ଯୋଗେ ଅଭିଯୋଗ କରିଥିଲେ। ଶୁକ୍ରବାର ୧୯୮ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସିଥିବାବେଳେ ୨୫୮ ଜଣଙ୍କ ପାଇଁ ରୋଷେଇ ହୋଇଥିବା କିପରି ଦର୍ଶାଗଲା, ସେ ନେଇ ଗ୍ରାମବାସୀ ଏବଂ କେତେଜଣ ଅଭିଭାବକ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଏମ୍‌ଡିଏମ୍ ଦାୟିତ୍ୱରେ ରହୁଥିବା ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଏବିଇଓ ରବିନାରାୟଣ ତ୍ରିପାଠୀଙ୍କୁ ଶନିବାର ଡାକ ଯୋଗେ ଅଭିଯୋଗ ପତ୍ର ପଠାଇଥିଲେ ।

ପ୍ରକାଶ ଯେ, ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଇଥାଏ । ତେବେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲା ପିଛା ୧୦୦ ଗ୍ରାମ ଚାଉଳ ଏବଂ ଖାଦ୍ୟ ପ୍ରସ୍ତୁତି ବାବଦକୁ ୪ ଟଙ୍କା ୪୮ ପଇସା ଯୋଗାଇ ଦିଆଯାଉଥିବା ବେଳେ ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲା ପିଛା ୧୫୦ ଗ୍ରାମ ଚାଉଳ ଓ ଖାଦ୍ୟ ପ୍ରସ୍ତୁତି ବାବଦକୁ ୬ ଟଙ୍କା ୬୮ ପଇସା ଯୋଗାଇ ଦିଆଯାଉଛି। ନାରିଗାଁ ବିଦ୍ୟାଳୟରେ ୧ମ ରୁ ୮ମ ପର୍ଯ୍ୟନ୍ତ ମୋଟ ୨୮୦ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ଦୈନିକ ପ୍ରାୟ ୨୫୦/୨୬୦ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନଭୋଜନ ରନ୍ଧା ଯାଉଛି ବୋଲି ବିଦ୍ୟାଳୟ ପକ୍ଷରୁ ଏମ୍‌ଡିଏମ୍ ଓପେପାକୁ ଦିଆଯାଇଥିବା ରିପୋର୍ଟରୁ ଜଣାଯାଇଛି । ତେବେ ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁଯାୟୀ ଶୁକ୍ରବାର ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ୨୩, ଦ୍ୱିତୀୟ ଶ୍ରେଣୀରେ ୨୫, ତୃତୀୟ ଶ୍ରେଣୀରେ ୨୫, ଚତୁର୍ଥ ଶ୍ରେଣୀରେ ୧୪, ପଞ୍ଚମ ଶ୍ରେଣୀରେ ୨୮, ଷଷ୍ଠ ଶ୍ରେଣୀରେ ୨୫, ସପ୍ତମ ଶ୍ରେଣୀରେ ୨୬, ଅଷ୍ଟମ ଶ୍ରେଣୀରେ ୩୨ ଏପରି ମୋଟ ୧୯୮ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କିନ୍ତୁ ଶୁକ୍ରବାର ୨୫୮ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ରୋଷେଇ ହୋଇଥିବା ଏମ୍‌ଡିଏମ୍ ଓପେପାକୁ ସୂଚନା ଦିଆଯାଇଛି ବୋଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡିଛି । ବିଦ୍ୟାଳୟ ପକ୍ଷରୁ ଦିଆଯାଇଥିବା ରିପୋର୍ଟକୁ ଅନୁଧ୍ୟାନ କଲେ ଦୈନିକ ୫୦ରୁ ୬୦ ପିଲାଙ୍କ ଖାଦ୍ୟ ଅର୍ଥକୁ ପ୍ରଧାନଶିକ୍ଷକ ହଡ଼ପ କରୁଥିବା ଜଣାପଡ଼େ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶୁକ୍ରବାର ପ୍ରଧାନ ଶିକ୍ଷକ ଛୁଟିରେ ଥିବାବେଳେ ସିନିୟର ଶିକ୍ଷକଙ୍କ ପରିବର୍ତ୍ତେ ଜୁନିୟର ଶିକ୍ଷକ ଅଜୟ କୁମାର ଜେନାଙ୍କୁ ମଧ୍ୟାହ୍ନଭୋଜନ ଦାୟିତ୍ୱ ଦେଇଥିଲେ । ତେବେ ଅଜୟ ଜେନାଙ୍କୁ ଶୁକ୍ରବାରର ଉପସ୍ଥାନ ଖାତା ମାଗିବାରୁ ପ୍ରଧାନ ଶିକ୍ଷକ ଉପସ୍ଥାନ ଖାତା ଦେଖାଇବାକୁ ମନା କରିଛନ୍ତି ବୋଲି ସେ କହିଥିଲେ। ପ୍ରଧାନ ଶିକ୍ଷକ ଯାହା ନିର୍ଦ୍ଦେଶ ଦେଇଛନ୍ତି ସେହି ଅନୁସାରେ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ଏ ନେଇ ବ୍ଲକ ଶିକ୍ଷାଧିକାରୀ ଗୟାଧର ନନ୍ଦଙ୍କୁ ପଚାରିବାରେ, ଫୋନ୍‌ରେ ଅଭିଯୋଗ ପାଇଛନ୍ତି। ଲିଖିତ ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି ସେ କହିଥିଲେ ।





ମୁଁ ଧୀରେ ଧୀରେ ଚାଲେ, କିନ୍ତୁ ମୋର ଗତି କେବେହେଲେ ପଛ ଆଡ଼କୁ ନୁହେଁ।
- ଆବ୍ରାହମ ଲିଙ୍କନ

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ : ୮ ଗିରଫ

ବିଞ୍ଝାରପୁର, ୭।୧୦(ଡି.ଏନ୍.ଏ.): ବିଞ୍ଝାରପୁର ପୋଲିସ ରବିବାର ୮ଜଣ ଜୁଆଡିଙ୍କୁ ଗିରଫ କରିଥିବାବେଳେ ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସହ ୬ଟି ବାଇକ, ୭ଟି ମୋବାଇଲ ଜବତ କରିଥିବା ଜଣାପଡିଛି। ଏ ନେଇ ପୋଲିସ ଏକ ମାମଲା (୨୪୪/୧୮) ରୁଜୁ କରିଛି। ତେବେ ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ସୃଚିତ୍ରୀବୀର୍ଯ୍ୟ ଦାସ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସିଂହପୁର ନିକଟସ୍ଥ ଖରସ୍ରୋତା ମହାବିଦ୍ୟାଳୟ ନିକଟରରେ ଜୁଆ ଖେଳ ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉବେଳେ ସମ୍ପୃକ୍ତ ୮ଜଣ ଜୁଆଡିଙ୍କୁ ଗିରଫ କରିଥିଲା।

### ପ୍ଲାଷ୍ଟିକ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ



ସିଂହପୁର, ୭।୧୦(ଡି.ଏନ୍.ଏ.)- ସିଂହପୁରସ୍ଥିତ ଆଦର୍ଶ ଶିକ୍ଷା ନିକେତନ ବିଦ୍ୟାଳୟରେ ରବିବାର ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଉପଲକ୍ଷେ ଏକ ସଚେତନ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପ୍ଲାଷ୍ଟିକ ବ୍ୟବହାରର କୁପରିଣାମ ଓ ଭୟାବହତା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅଶୋକ ଧଳଙ୍କ ସଭାପତିତ୍ୱରେ ଶିକ୍ଷକ ଚିଦାନନ୍ଦ ନାୟକ ଦେବାଶିଷ ଆଚାର୍ଯ୍ୟ, ପ୍ରଦୀପ ବିଶ୍ୱାଳ, ରଞ୍ଜନ ପରିଡା, କବି ପ୍ରଶାଦ ସାମଲ ଶିକ୍ଷୟିତ୍ରୀ ତପସ୍ୱିନୀ ସାମଲ, ବାସନ୍ତି ଦାସ ପ୍ରତିମା ରାଉତ, ରେବତି ଥାଟୋଇ, ବିଦ୍ୟୁତପ୍ରଭା ସ୍ୱାଇଁ, ଇପ୍ସିତା ପ୍ରିୟ ଦର୍ଶନୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ଷଷ୍ଠଦିନରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଧର୍ମଶାଳା/ଚଢେଇଧରା, ୭।୧୦(ଡି.ଏନ୍.ଏ.): ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ରବିବାର ଷଷ୍ଠ ଦିନରେ ପହଞ୍ଚିଛି। ଷଷ୍ଠଦିନରେ ୧୧ନଂ ଜୋନ୍‌ର ମର୍ଜିତାପୁର, ଚକ୍ରଧରପୁର ଓ ଅଞ୍ଜିରା ପଞ୍ଚାୟତରେ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ବିଧାୟକ ସ୍ଥାନୀୟ ବାସିନ୍ଦାଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝି ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପଦଯାତ୍ରାରେ ଧର୍ମଶାଳା ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତ ରାୟ, ଏମ୍‌ପିଙ୍କ ପ୍ରତିନିଧି ଉଜ୍ଜ୍ୱଳ କେଶରୀ ଦାସ, ନିର୍ବାଚନମଣ୍ଡଳୀ ସଭାପତି ଜଳଧର ମହାନ୍ତି, ବ୍ଲକ ବିଜେଡି ସଭାପତି ନିରଞ୍ଜନ ବଳ, ପର୍ଯ୍ୟବେକ୍ଷକ ଦିଲୀପ ବଳ, ପୂର୍ବତନ ବ୍ଲକ ଅଧକ୍ଷ ଦୁଃଶାସନ ସାହୁ, ଜିଲା ପରିଷଦ ସଭ୍ୟା ସୁରେଖା ନାୟକ, ନିରଞ୍ଜନ ରାଉତ, ରାଜ୍ୟ ପରିଷଦ ସଭ୍ୟ ଜଳଧର ସାହୁ, ଯୁବ ସଂଗଠକ ପ୍ରତାପ ପ୍ରଧାନ, ସୁଦାମ ବେହେରା, ପବିତ୍ର ସାହୁ, ଅକ୍ଷୟ କୁମାର ପ୍ରଧାନ, ପ୍ରଦୀପ ପାଲ ସମେତ ୧୧ନଂ ଜୋନ୍ ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ପଦଯାତ୍ରାରେ ଯୋଗଦେଇଥିଲେ।

### ମୋ ଭାରତ ସ୍ୱର୍ଣ୍ଣିମ ଭାରତ କାର୍ଯ୍ୟକ୍ରମ

ଯାଜପୁର ରୋଡ, ୭।୧୦(ନି.ପ୍ର): ଯାଜପୁର ରୋଡ ଶାଖା ପ୍ରଜାପିତା ବ୍ରହ୍ମକୁମାରୀ ପକ୍ଷରୁ ଶନିବାର ମୋ ଭାରତ ସ୍ୱର୍ଣ୍ଣିମ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଭାରତୀୟ ସଂସ୍କୃତି ମୌଳିକ ଗୁଣାବଳୀକୁ ଉଜୀବିତ କରିବା ପାଇଁ ସ୍ୱର୍ଣ୍ଣିମ ଭାରତ ନବ ନିର୍ମାଣ ନିମନ୍ତେ ଯୁବ ସମାଜକୁ ଆହ୍ୱାନ କରିବା ପାଇଁ ସାରା ଦେଶରେ କାର୍ଯ୍ୟକ୍ରମର ଏକ ବସ୍ ପରିଭ୍ରମଣ କରୁଛି। କାର୍ଯ୍ୟକ୍ରମ ୨୦୧୭-୨୦ ପର୍ଯ୍ୟନ୍ତ ସମଗ୍ର ଭାରତବର୍ଷରେ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ପରିକ୍ରମା କରି ଯୁବ ସମାଜକୁ ସକାରାତ୍ମକ ଚିନ୍ତାଧାରା ଦେବା ଏହାର ମୂଳ ଲକ୍ଷ ରହିଛି। ଯାଜପୁର ରୋଡ ବ୍ୟାସଦେବ ଟାଉନ୍ ହଲଠାରେ ମୋ ଭାରତ ସ୍ୱର୍ଣ୍ଣିମ ଭାରତ ବସ୍‌କୁ ସ୍ୱାଗତ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ସଭାରେ ଯୁବକଙ୍କ ନୈତିକ ଉପଲବ୍ଧି, ସକାରାତ୍ମକ ଚିନ୍ତନ, ସ୍ୱଚ୍ଛ ଭାରତ, ରାଜଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବି.କେ ଗୀତାଳୀ ଦିଦି, ବି.କେ କପିଳେଶ ଭାଇ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

## ■ ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପ

# ସରିବ ଅବଧି, ସରୁନି କାର୍ଯ୍ୟ

ଚଣ୍ଡିଖୋଲ,୭।୧୦(ଡି.ଏନ.ଏ)

ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପ ପାଇଁ ପ୍ରଥମେ ଟେଣ୍ଡର କରାଯାଇ ୨୦୦୯ରେ ଶେଷ ହେବାର ଯୋଜନା ଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରି ନ ଥିଲା। ପୁନର୍ବାର ଟେଣ୍ଡର କରାଯାଇ ୨୦୧୩ରୁ କାମ ଆରମ୍ଭ ହୋଇ ୨୦୧୬ ଜୁନରେ ଶେଷ କରିବାକୁ ରେଳ ବିକାଶ ନିଗମ ଲିମିଟେଡ ଚୁକ୍ତି କରିଥିଲେ ମଧ୍ୟ କାର୍ଯ୍ୟ ଶେଷ ହୋଇପାରିଲା ନାହିଁ। ରାଜ୍ୟ ସରକାର ଓ ରେଳବିକାଶ ନିଗମ ଲିମିଟେଡ ତରଫରୁ ବାରମ୍ବାର ବୈଠକ କରାଯାଇ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ସ୍ଥିର କରାଯାଉଥିଲେ ମଧ୍ୟ ଅଦ୍ୟାବଧି ରେଳପଥ କାମ ସମ୍ପୂର୍ଣ୍ଣ ହୋଇନାହିଁ। ଗତ ମାର୍ଚ୍ଚରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସଚିବାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ବସି ୨୦୧୮ ଅକ୍ଟୋବର ସୁଦ୍ଧା କାର୍ଯ୍ୟ ଶେଷ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ହେଲେ ଅବଧି ଶେଷ ହେବାକୁ ବସିଥିଲେ ମଧ୍ୟ ରେଳପଥ ନିର୍ମାଣ କାମ ସରୁନି।

ସୂଚନାଯୋଗ୍ୟ, ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପ ପାଇଁ ପ୍ରଥମେ ୨୦୦୭ରେ ଜମି ଅଧିଗ୍ରହଣ ହୋଇଥିଲା। ୨୦୦୭ ରୁ ୨୦୦୯ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଅଧିକାରୀ ଆଣ୍ଡ ବ୍ରଦର୍ସ ନାମକ ଠିକା କମ୍ପାନୀ ଟେଣ୍ଡର ନେଇଥିଲା। ହେଲେ ଠିକା କମ୍ପାନୀ ଅଧାରୁ କାମ ଛାଡ଼ି ପଳାଇଥିଲା। ୨୦୧୩ରେ ପୁନର୍ବାର ଟେଣ୍ଡର କରାଯାଇ ୨୦୧୬ ଜୁନ୍ ସୁଦ୍ଧା କାମ ଶେଷ ହେବାର ଥିଲା। ରେଳପଥ ନିର୍ମାଣ ପାଇଁ ୪ କମ୍ପାନୀ ଚୁକ୍ତିବଦ୍ଧ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଟିଟିଆଇପିଏଲ୍ ୪୨କ.ମି., ଏସ୍ଏସ୍ଆଇଏଲ୍ ଏବଂ ଉଡହିଲ୍ ୨୬ କି.ମି. ୩୦୦ମିଟର, ଏଆର୍ଏସ୍ଏସ୍ ୧୩ କି.ମି. କାର୍ଯ୍ୟ କରିବା ପାଇଁ ଠିକା ନେଇଥିଲେ। ଏହି ପ୍ରକଳ୍ପରେ ଥିବା ବଡ଼ ବଡ଼ ସେତୁ ନିର୍ମାଣ ପାଇଁ ୨ କମ୍ପାନୀ ଠିକା ନେଇଛନ୍ତି। ଉକ୍ତ ରେଳପଥ ଦ୍ୱାରା ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାବାସୀ ଉପକୃତ ହେବେ। ସେଥିପାଇଁ ଯାଜପୁର ଜିଲା ୨୯ ରାଜସ୍ୱ ଗ୍ରାମର ୪୦୩ ଏକର ୭୭ ଡିସିମିଲ, କେନ୍ଦ୍ରାପଡ଼ା ଜିଲା ୪୭ ରାଜସ୍ୱ ଗ୍ରାମର ୮୮୨ଏକର ୧୭୪ଡିସିମିଲ ଓ ଜଗତ୍‌ସିଂହପୁର ଜିଲା ୧୦ ରାଜସ୍ୱ ଗ୍ରାମର ୧୮୧ଏକର ୨୪୦ଡିସିମିଲ ଜମି ଅଧିଗ୍ରହଣ କରାଯାଇଥିଲା। ଅଧିଗ୍ରହଣ ହୋଇଥିବା ବେସରକାରୀ ଜମି ମଧ୍ୟରୁ ଅଦ୍ୟାବଧି ବହୁ ଜମି ମାଲିକ ଜମିର ମୂଲ୍ୟ ପାଇନାହାନ୍ତି। ବେସରକାରୀ ଜମି ବ୍ୟତୀତ ଏହି ପ୍ରକଳ୍ପ ପାଇଁ ୨୨୮ ଏକର ସରକାରୀ ଜମି ଓ ୫ଏକର ଜଙ୍ଗଲ ଜମି ଅଧିଗ୍ରହଣ କରାଯାଇଛି। ଏହି ପ୍ରକଳ୍ପ ପାଇଁ ପ୍ରଥମେ ୪୩୦କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବାବେଳେ ବର୍ତ୍ତମାନ ଏହା ୧୨ଶହ କୋଟି ପହଞ୍ଚିଛି। ୨୦୧୩ ମାର୍ଚ୍ଚରୁ କାର୍ଯ୍ୟ ଆରମ୍ଭ ହୋଇ ୨୦୧୬ ଜୁନ୍ ସୁଦ୍ଧା ସରିବାର ଥିଲା। ଅବଧି ସରିବାର ୨ ବର୍ଷ ବିତିଗଲାଣି। ହେଲେ କାର୍ଯ୍ୟ ଶେଷ ହୋଇନାହିଁ। ପ୍ରଥମେ ଫାଟକଯୁକ୍ତ ରେଳପଥ ନିର୍ମାଣ ହେବାର ନକ୍ସା ପ୍ରସ୍ତୁତ ହୋଇଥିଲା ବେଳେ ୨୦୧୩ ପରେ ଏହା ପ୍ରଥମ ଫାଟକ ବିହୀନ ରେଳପଥ ହେବ ବୋଲି ପରିକଳ୍ପନା କରାଯିବାରୁ ବଜେଟ୍ ବୃଦ୍ଧି କରାଯାଇଥିଲା। କେତେକ ସ୍ଥାନରେ ଏହାର ଉଚ୍ଚତା ୬ମିଟରରୁ ଆରମ୍ଭ କରି ୧୧ମିଟର ପର୍ଯ୍ୟନ୍ତ ହୋଇଛି। ତେବେ ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ କରାଯାଇଥିବା ଜମି ନିଅଣ୍ଟ ପଡ଼ିବାରୁ ଆର୍‌ଭିଏନ୍ଏଲ୍ ତରଫରୁ ଜମି ଅଧିଗ୍ରହଣ ପାଇଁ ସହରାବାଟି, କଣ୍ଟିଗଡ଼ିଆ, ବେଣାପୁର, ହରିପୁର, ଦୌଲତପୁର, ମକୁନ୍ଦପୁର, ପତରାଜପୁର, ଗୋବର୍ଦ୍ଧିଆ, ପଲେଇ, ପାରିପଲେଇ, ଡ଼େରାଡ଼ିହ, ନୂଆହାଟ, ମନ୍ତ୍ରୀପଡ଼ା, ନୂଆଗାଁ, ବାଜିପଡ଼ା, ହଳଦିଆ, ଗୁହାଳସିଂହ, ମଡ଼ରପୁର, ଶ୍ୟାମସୁନ୍ଦରପୁର ଓ ଓଡ଼ିଶ ଗ୍ରାମରେ ଆଉ ୧୧ଏକର ଜମି ଅଧିଗ୍ରହଣର ଆବଶ୍ୟକତା ରହିଛି। ଏହାକୁ ଲକ୍ଷ୍ୟ ରଖି ସରକାରଙ୍କ ତରଫରୁ ପ୍ରତ୍ୟେକ ମୌଜାରେ ପଲ୍ଲିସଭା ଓ ଗ୍ରାମସଭା କରାଯାଇ ଅଧିଗ୍ରହଣ ପାଇଁ କ୍ଷେତ୍ର ପ୍ରସ୍ତୁତି ସରିଥିଲା ବେଳେ ଅଦ୍ୟାବଧି ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇପାରିନାହିଁ। ବର୍ତ୍ତମାନ ସୁଦ୍ଧା ୪୦ କି.ମି. ରେଳପଥ କାର୍ଯ୍ୟ ଶେଷ ହୋଇଥିଲା ବେଳେ ଆହୁରି ୪୨ କି.ମି. କାର୍ଯ୍ୟ ବାକି ରହିଛି। ସେଥିମଧ୍ୟରୁ ମାତ୍ର ୧୧ କି.ମି ରେଳଲାଇନ ବିଛା ହୋଇଛି। ଅଧିକାଂଶ ସେତୁ କାର୍ଯ୍ୟ ଶେଷ ହୋଇନାହିଁ। ପଟ୍ଟମୁଣ୍ଡାଇ କେନାଲ ଉପରେ ହୋଇଥିବା ସେତୁ ଅଧାରୁ ବନ୍ଦ ରହିଛି। ଏ ସମ୍ପର୍କରେ ରେଳ ବିକାଶ ନିଗମ ଲିମିଟେଡର ଡିଜିଏମ ଅଶୋକ କୁମାର ତ୍ରିପାଠୀଙ୍କୁ ପଚାରିବାରେ, ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା କାର୍ଯ୍ୟ ଶେଷ କରିବା ପାଇଁ ଚେଷ୍ଟା ଚାଲିଛି। କଞ୍ଚାମାଲ ଅଭାବରୁ କାର୍ଯ୍ୟ ବିଳମ୍ବ ହେଉଥିଲା ବୋଲି କହିଥିଲେ।



- ■ ପ୍ରଥମେ ୪୩୦ କୋଟି ବ୍ୟୟ ଅଟକଳ ହୋଇଥିଲା
- ■ ଶେଷ ହୋଇଛି ଅଧିକାଂଶ ସେତୁ କାର୍ଯ୍ୟ
- ■ ୪୦ କି.ମି ରେଳପଥ କାର୍ଯ୍ୟ ଶେଷ ହୋଇଥିବାବେଳେ ବାକି ରହିଛି ୪୨ କି.ମି.
- ■ ମାତ୍ର ୧୧ କି.ମି ରେଳଲାଇନ୍ ବିଛା ହୋଇଛି

### ଜୀବନବିନ୍ଦୁ କାର୍ଯ୍ୟକ୍ରମ

କାଳିଆପାଣି ,୭।୧୦(ଡି.ଏନ୍.ଏ.)

ବିଜେଡି ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ସୁକିନ୍ଦା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ଖଣି ଅଞ୍ଚଳର ଖଣି ନିଗମ କେନ୍ଦ୍ରୀୟ ସ୍ୱାସ୍ଥ୍ୟକେନ୍ଦ୍ର ଓ ଟାଟା କଲୋନି ପରିସରରେ ଥିବା କାଟେପୂର୍ତ୍ତୀ ଅଡ଼ିଟୋରିୟମ ଓ କୁହିକାଠାରେ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କଂସ, କାଳିଆପାଣି, ଚିଙ୍ଗୁଡ଼ିପାଳ, ରାଁସୋଳ, କାଙ୍କଡ଼ପାଳ, କୁହିକା ଆଦି ବିଭିନ୍ନ ପଞ୍ଚାୟତର ବହୁ ଯୁବକ ଓ ମହିଳା ଯୋଗଦେଇ ରକ୍ତଦାନ କରିଥିଲେ। ଏଥିସହ ଖଣି ଅଞ୍ଚଳର ସମସ୍ତ ଖଣି ଶ୍ରମିକ ଓ କର୍ମଚାରୀ ମଧ୍ୟ ରକ୍ତଦାନ କରିଥିଲେ। ଶିବିରରେ ଖଣି ନିଗମ କେନ୍ଦ୍ରୀୟ ଡ଼ାକ୍ତରଖାନାରେ ୪୫୦ ୟୁନିଟ ରକ୍ତ, ଟାଟାଷ୍ଟିଲ ଅଡ଼ିଟରିୟମଠାରେ ୩୩୬ ୟୁନିଟ ଓ କୁହିକାଠାରେ ୨୮୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ଜଣାପଡିଛି। ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡ଼ି ରାଜ୍ୟ ମହିଳା ଉପସଭାପତି ତଥା ସୁକିନ୍ଦା ବ୍ଲକ ପୂର୍ବତନ ଅଧକ୍ଷା ଭଗବତି ମହାନ୍ତ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଧର ପାତ୍ର, ପ୍ରତାପ ପାତ୍ର, ଖଣି ନିଗମ ପକ୍ଷରୁ ବିରଞ୍ଚି ନାରାୟଣ ମହାପାତ୍ର, ବିଶ୍ୱରଞ୍ଜନ ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ।

## ■ ସର୍ବଭାରତୀୟ ବହୁଭାଷୀ ନାଟ୍ୟ ପ୍ରତିଯୋଗିତାର ୨ୟ ଦିବସ

# ନାଟକ ସମାଜକୁ ଆଲୋକର ମାର୍ଗ ପ୍ରଦର୍ଶନ କରିଥାଏ

ବିରଜାକ୍ଷେତ୍ର,୭।୧୦(ଡି.ଏନ.ଏ.)



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଏକ ଅନୁଷ୍ଠାନର କଳାକାର ନାଟକ ପରିବେଷଣ କରୁଛନ୍ତି।

ଯାଜପୁରର ଅଗ୍ରଣୀ ନାଟ୍ୟ ସଂସ୍ଥା ଆହ୍ୱାନ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ବହୁଭାଷୀ ନାଟ୍ୟ ପ୍ରତିଯୋଗିତା ରବିବାର ୨ୟ ଦିବସରେ ପହଞ୍ଚିଛି। ଗୌତମବୁଦ୍ଧ ସଂସ୍କୃତି ଭବନରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ସନ୍ତୋଷ କୁମାର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଆୟୋଜିତ ସାନ୍ଧ୍ୟ ଉତ୍ସବକୁ ଯାଜପୁର ଜିଲା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ମଲ୍ଲ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ କୋଲକାତା 'ଏକେଟ୍ରମ' ନାଟ୍ୟସଂସ୍ଥାର ସଭାପତି ପାପିୟା ଦେବରାୟ ଯୋଗଦେଇ ନାଟକ କେବଳ ମନୋଞ୍ଜନ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ଏହା ସମାଜକୁ ନୂତନ ସୂର୍ଯ୍ୟାଲୋକ ଭଳି ଅନ୍ଧକାରରୁ ଆଲୋକର ମାର୍ଗ ପ୍ରଦର୍ଶନ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ସାମାଜିକ କର୍ମୀ ହୃଷୀକେଶ ପତି ଯୋଗଦେଇ ଭାରତର ବିଭିନ୍ନ ରାଜ୍ୟ ଏବଂ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ନାଟ୍ୟସଂସ୍ଥା ଓ ସାଂସ୍କୃତିକ ଦଳ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହିତ ଗୋଟିଏ ରଙ୍ଗମଞ୍ଚରେ ବହୁ ଭାଷାଭାଷୀ ସଙ୍ଗୀତ, ନୃତ୍ୟ ଓ ନାଟକ ଦେଖିବାର ସୁଯୋଗ ଆହ୍ୱାନ ଦ୍ୱାରା ସୃଷ୍ଟି ହୋଇପାରିଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଅନୁଗୋଳର ନୃତ୍ୟାୟନୀ ନାଟ୍ୟସଂସ୍ଥାର ନିର୍ଦ୍ଦେଶକ ଅନୀତା ରାଜଗୁରୁ ଯୋଗଦେଇ କଳା ଏବଂ ସଂସ୍କୃତି ଓଡ଼ିଶାର ସବୁଠାରେ ଏବେବି ବଞ୍ଚିଛି ଓ ସାଧାନା ମାଧ୍ୟମରେ ଏହାକୁ ଆହୁରି ପ୍ରାଣସ୍ପର୍ଶୀ ଏବଂ ସୁନ୍ଦରଭାବେ ପ୍ରକାଶ କରିହେବ ବୋଲି କହିଥିଲେ। ସୋନପୁର ଜିଲାର ବୀଣାପାଣି ନାଟ୍ୟାନୁଷ୍ଠାନ ଦ୍ୱାରା 'ନାଇଟ୍ ହସ୍ପିଟାଲ', ବିହାରର ଜାମସେଦପୁରର ଏମ୍.ଡି.ନିଜାମ୍ ନାଟ୍ୟସଂସ୍ଥା ଦ୍ୱାରା 'ପଞ୍ଛି', କୋଲକାତା 'ଏକେଟ୍ରମ୍' ନାଟ୍ୟସଂସ୍ଥା ଦ୍ୱାରା 'ଶୁଦ୍ଧ ମାଟିର ସନ୍ଧାନେ' ଅନୁଗୋଳ ଜିଲାର 'ନୃତ୍ୟାୟନୀ' ନାଟ୍ୟସଂସ୍ଥା ଦ୍ୱାରା 'ନାରୀ' ନାଟକ ମଞ୍ଚସ୍ଥ ହୋଇଥିଲା। ବିଭିନ୍ନ ଭୂମିକାରେ ଅନୀତା ରାଜଗୁରୁ, ଅଳଙ୍କୃତା ରାଉତ, ଆରୁଣୀ ଅପରୂପା, ସୋନାଲି ପ୍ରଧାନ, ଆରତୀ ଦାସ, ଦେବଜ୍ୟୋତି, ମିଠୁ, ମାଳବିକା ପାଠକ, ଦେବଶଙ୍କର ହାଲଦାର, କାଜଲ ଶମ୍ଭୁ, ଅନିମେଷ ଦେବରାୟ ପ୍ରମୁଖ ଅଭିନୟ କରିଥିଲେ। କଥକ ନୃତ୍ୟରେ ଛତିଶଗଡ଼ର ଘନିସୀଥା ଦୁବେ, ଲୋକନୃତ୍ୟରେ ଶୈଳକ୍ଷମା, ସାଇକ୍ରିଷ୍ଣା ପଣ୍ଡା, ପ୍ରିୟଙ୍କା ଦାସ, ଶ୍ରୀୟା ସମୃଦ୍ଧି ବେହେରା, ବୈଷ୍ଣବୀ ଦାଶ, ଓଡ଼ିଶୀରେ ସାଇ ସମ୍ଭାବୀ ତ୍ରିପାଠୀ, ଗିନ୍ଦିମା ବାରିକ ଓ ସମ୍ବଲପୁରୀ ନୃତ୍ୟରେ ଆରୁଣ୍ୟା ବିଶ୍ୱାଳ, ଶୁଭଲକ୍ଷ୍ମୀ ସାହୁ ଓ ସଙ୍ଗୀତରେ ଲଳିତ ବେହେରା, ସଞ୍ଜନା ବେହେରା, ସ୍ନେହାସ୍ମିତା ବେହେରା ଅଂଶଗ୍ରହଣ କରିଥିଲେ। ସତ୍ୟଜିତ ସାହୁ, ଅକ୍ଷୟ ପୃଷ୍ଟି, ଯଶୋବନ୍ତ ଜେନା, ଚନ୍ଦନ ଜେନା, ପ୍ରଭାତୀ ଦାସ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ, ସୌମ୍ୟଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ବିଶ୍ୱଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଅନନ୍ୟା ସାହିତ୍ୟ ସଂସଦ ବାର୍ଷିକୋତ୍ସବ ପ୍ରସ୍ତୁତି ବୈଠକ

ବିରଜାକ୍ଷେତ୍ର,୭।୧୦(ଡି.ଏନ୍.ଏ.)

ଅନନ୍ୟା ସାହିତ୍ୟ ସଂସଦର ବାର୍ଷିକୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସନ୍ତୋଷ ନନ୍ଦଙ୍କ ଅଧ୍ୟକ୍ଷତାରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ବିରଜା ରଥ ଦାଣ୍ଡରେ ଆସନ୍ତା ୧୫, ୧୬, ୧୭ ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ୧୮ ତାରିଖରେ ସଂସଦର ବାର୍ଷିକୋତ୍ସବ ଓ ବିଜୟା ମିଳନ ଉତ୍ସବ ଅନୁଷ୍ଠିତ ହେବବୋଲି ସ୍ଥିର କରାଯାଇଛି। ୧୮ ତାରିଖ ବିଜୟା ଦଶମୀରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ବିଜୟା ମିଳନ ଉତ୍ସବ, ଲେଖିକା ସମ୍ମିଳନୀ ଓ କବିତା ପାଠୋତ୍ସବ, ଅନନ୍ୟା ସମ୍ମାନ, ଡ. ନାରାୟଣ ଚନ୍ଦ୍ର ପାଢ଼ୀ ସ୍ମୃତି ସମ୍ମାନ, ପଦ୍ମନାଭ ନାୟକ ସ୍ମୃତି ସମ୍ମାନ, ପ୍ରଫେସର ବିଷ୍ଣୁ ମୋହନ ଦାଶ ଓ ଭୁବନାନନ୍ଦ ମିଶ୍ର ସ୍ମୃତି ସମ୍ମାନ ଆଦି ପ୍ରଦାନ କରାଯିବା ନିମନ୍ତେ ସ୍ଥିର କରାଯାଇଛି। ବୈଠକରେ ସମ୍ପାଦକ କାହ୍ନୁଚରଣ ମିଶ୍ର, ଉପସଭାପତି ବିଭୂତି ମହାପାତ୍ର, ପାଣ୍ଡବ ଚରଣ ସାହୁ, ଅନିଲ ମହାନ୍ତି, ଅଶୋକ ଦାଶ, ଦଶରଥ ସାମଲ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କୈଳାସ ଚନ୍ଦ୍ର ସ୍ୱାଇଁ, ମନୋଜ ନାଥ, ଅଖିଳ ମୋହନ ଦାଶ, ପ୍ରଭାକର ମିଶ୍ର ଓ ଜିତେନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ■ ସୁରକ୍ଷା ନିୟମର ଖୋଲା ଉଲ୍ଲଂଘନ

# ନିର୍ମାଣାଧୀନ ରାସ୍ତା ଖାଲରେ ପଡି ଜଣେ ଗୁରୁତର

ସୁକିନ୍ଦା, ୭।୧୦(ଡି.ଏନ୍.ଏ.)

ସୁକିନ୍ଦା ଥାନା ଅନ୍ତର୍ଗତ ସୁକିନ୍ଦା-ଅଶୋକଝର ରାସ୍ତାର ସିଙ୍ଗାଡିଆ ଗ୍ରାମ ନିକଟରେ ନିର୍ମାଣାଧୀନ ରାସ୍ତାର ଏକ ଖାଲରେ ପଡି ରବିବାର ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ଆହତ ଜଣଙ୍କ ବନ୍ଧଗାଁ ପଞ୍ଚାୟତର କୋଇଲୋ ଗ୍ରାମର ସୁକଦେବ ମହାନ୍ତ(୪୮)। ସୁକଦେବ ସନ୍ଧ୍ୟାରେ ସୁକିନ୍ଦାରୁ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ସିଙ୍ଗାଡିଆ ଗ୍ରାମ ନିକଟରେ ନିର୍ମାଣାଧୀନ ରାସ୍ତାରେ ଥିବା ଏକ ଖାଲରେ ପଡିଯାଇଥିଲେ। ଫଳରେ ତାଙ୍କର ମୁଣ୍ଡରେ ଆଘାତ ଲାଗିଥିଲା। ସ୍ଥାନୀୟଲୋକେ ଦମକଳ ବାହିନୀ ସହଯୋଗରେ ସୁକାନ୍ତଙ୍କୁ ସୁକିନ୍ଦା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ତେବେ ଏ ନେଇ ସୋମବାର ରାସ୍ତା କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ନାମରେ ସୁକାନ୍ତଙ୍କ ପରିବାର ଥାନାର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

ଜଗନ୍ନାଥ କଂଷ୍ଟ୍ରକ୍ସନ ନାମକ ଠିକା ସଂସ୍ଥା ଦ୍ୱାରା ରାସ୍ତାର ନିର୍ମାଣ କାର୍ଯ୍ୟ କରାଯାଉଛି। ରାସ୍ତାର ନିର୍ମାଣ କାର୍ଯ୍ୟରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷା ନିୟମ ଖୁଲମଖୁଲା ଉଲ୍ଲଂଙ୍ଘନ କରାଯାଉଛି। ଠିକାଦାର ରାସ୍ତାକୁ ଖୋଳିଦେବା ପରେ ସେହି ସ୍ଥାନର ଚତୁର୍ପାର୍ଶ୍ୱରେ ସୂଚନା ସଙ୍କେତ ଥିବା ଫିତା ଲଗାଇ ଘେରାଉ କରୁ ନାହାନ୍ତି। ଅପରପଟେ କୌଣସି ଦୁର୍ଘଟଣାକୁ ଏଡାଇବା ନିମନ୍ତେ ସେଠାରେ ଆଲୋକର ବ୍ୟବସ୍ଥା କିମ୍ବା ଜଗୁଆଳି ବ୍ୟବସ୍ଥା କରାଯିବାକୁ ନିୟମ ରହିଛି। ଏହି ସବୁ କାର୍ଯ୍ୟ କରିବା ନିମନ୍ତେ ଠିକାଦାରଙ୍କ ପକ୍ଷରୁ ଜଣେ ସୁରକ୍ଷା ଅଧିକାରୀଙ୍କୁ ନିଯୁକ୍ତ କରାଯାଇଥାଏ। ନିର୍ମାଣ କାର୍ଯ୍ୟରେ ଲାଗିଥିବା ସମସ୍ତ ଶ୍ରମିକଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ମଧ୍ୟ ଧ୍ୟାନ ଦିଆଯାଉ ନାହିଁ। ଠିକାଦାରଙ୍କ ଏପରି ବେପରୁଆ କାର୍ଯ୍ୟକୁ ତଦାରଖ କରିବାକୁ କୌଣସି ବିଭାଗୀୟ ଅଧିକାରୀ ଆସୁ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। କିଛିଦିନ ତଳେ ଉକ୍ତ ସ୍ଥାନରେ ୨ଟି ଦୁର୍ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦା ଠିକାଦାରଙ୍କୁ ଚେତାବନୀ ଦେଇଥିଲେ। ହେଲେ ଠିକାଦାର ଏ ଦିଗରେ କର୍ଣ୍ଣପାତ କରୁ ନ ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ବରୀ/ରତ୍ନଗିରି,୭।୧୦ (ସ୍ୱ.ପ୍ର./ଡି.ଏନ୍.ଏ.)

ବରୀ ନିର୍ବାଚନମଣ୍ଡଳୀର ସାହୁପଡା ଖେଳପଡିଆରେ ରବିବାର ବରୀ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ସେକ୍ ସଫିଉଦ୍ଦିନ୍‌ଙ୍କ ସଭାପତିତ୍ୱରେ ଏକ ବିଶାଳ ଜନ ସମାବେଶ ହୋଇଥିଲା। ଯାଜପୁର ଏମ୍‌ପି ରୀତା ତରାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ବକ୍ତବ୍ୟ ରଖିବା ସହ ଆଗାମୀ ସାଧାରଣ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ କରିବା ପାଇଁ ନିବେଦନ କରିଥିଲେ। ବିଧାୟକ ଦେବାଶିଷ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ବରୀରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ କ୍ଷେତ୍ରରେ ବିକାଶ ହୋଇଥିବା କହିଥିଲେ। ପର୍ଯ୍ୟବେକ୍ଷକ ବୌଦ୍ଧୀ କନିଷ୍କ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବରୀ ଅଞ୍ଚଳରେ ସର୍ବାଧିକ ପୋଲ ନିର୍ମାଣ କରାଯାଇ ସଂଯୋଗୀକରଣ ହୋଇପାରିଛି। ସାହୁପଡା ଛକରୁ ବିଜେଡି ନେତାମାନେ ପଦଯାତ୍ରାରେ ବାହାରି ୪ଶହ ମିଟର ଧାରପୁର ଛକରେ ପହଞ୍ଚିଥିଲେ। ସେହିପରି ବାଲିଆ ପଟରୁ ଦଳୀୟ କର୍ମୀ ପଦଯାତ୍ରାରେ ବାହାରି ସାହୁପଡା ପଡିଆରେ ପହଞ୍ଚିଥିଲେ। ଯାଜପୁର ଏମ୍‌ପିଙ୍କ ପ୍ରତିନିଧି କେଦାର ସାମଲ, ରସୁଲପୁର ବ୍ଲକ ବିଧାୟକଙ୍କ ପ୍ରତିନିଧି ପ୍ରଫୁଲ ସାହୁ, ଯୁବ ବିଜେଡି ନେତା ଉମେଶ ଦାସ, ପୂର୍ବତନ ସରପଞ୍ଚ ବିଭୁତି ଭୂଷଣ ସାହୁ, ଯୁବନେତା ବାସୁଦେବ ସାହୁଙ୍କ ନେତୃତ୍ୱରେ ହଜାର ହଜାର ଲୋକ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଗଣେଶ ମହାକୁଡ ଧନ୍ୟବାଦ୍ ଅର୍ପଣ କରିଥିଲେ।




ସାହୁପଡ଼ିଆ ଖେଳପଡ଼ିଆରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା।

## ■ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି

# ଜେଲ୍ ଗଲେ ମହିଳା ଜିଆରଏସ୍

କୋରେଇ,୭।୧୦(ସ୍ୱ.ପ୍ର.)

କୋରେଇ ବ୍ଲକ ପଥରପଦା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି) ଯୋଜନାରେ ହୋଇଥିବା ଦୁର୍ନୀତି ଅଭିଯୋଗରେ ରବିବାର ପଞ୍ଚାୟତର ଜିଆର୍‌ଏସ୍ (ଗ୍ରାମ ରୋଜଗାର ସେବକ)ଙ୍କୁ ଜେଲ୍ ଯିବାକୁ ପଡିଛି। ଜିଆର୍‌ଏସ୍ ସସ୍ମିତା ବେହେରା ପଞ୍ଚାୟତର ବହୁ ହିତାଧିକାରୀଙ୍କ ଟଙ୍କାକୁ ଚଞ୍ଚକତା କରି ନିଜ ପୁଅ ଏବଂ ସ୍ୱାମୀଙ୍କ ନାମରେ ନେଇଥିବା କୋରେଇ ବିଡିଓ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ ହେବାସହ ପାଣିକୋଇଲି ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା ନଂ-୧୫୭/୧୮ରୁଜୁ ହୋଇଛି। ତାଙ୍କ ବିରୋଧରେ ଦଫା ୪୦୨, ୪୦୬ ଏବଂ ୪୦୯ ଲଗାଯିବା ପରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରିଥିବା ହିତାଧିକାରୀ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରୁ ମଧ୍ୟ ୧୭ ହଜାର ୭୨୧ ଟଙ୍କାର କାମ ପଞ୍ଚାୟତର ଜବ୍‌କାର୍ଡଧାରୀଙ୍କୁ ଅନୁନ୍ୟ ୯୫ କାର୍ଯ୍ୟ ଦିବସରେ କରାଇବାର ସରକାରୀ ନିୟମ ରହିଛି। ତଦନୁଯାୟୀ ପଥରପଦା ପଞ୍ଚାୟତର ମୁଲରୀ, ତାଜପୁର ଓ ଓଚିନ୍ଦା ଆଦି ଗ୍ରାମର ବହୁ ହିତାଧିକାରୀ ଘର ନିର୍ମାଣରେ ପଞ୍ଚାୟତର ଜବ୍‌କାର୍ଡଧାରୀଙ୍କୁ କାମଦେଇ ମଜୁରି ପ୍ରଦାନ କରାଯାଇଥିବା କାଗଜପତ୍ରରେ ଦର୍ଶାଯାଇଛି। ହେଲେ ମଜୁରି ପ୍ରଦାନ କରାଯାଇଥିବା କୌଣସି ଜବକାର୍ଡଧାରୀ ଘର ନିର୍ମାଣ କାର୍ଯ୍ୟ କରି ନ ଥିବା ଜଣାପଡିଥିଲା। ଫଳରେ ଏନେଇ ହିତାଧିକାରୀମାନେ କୋରାଇ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ୨୦୧୮-୧୯ରେ ପଞ୍ଚାୟତର ମୁଲରୀ ଗ୍ରାମର କୁନି ମଳିକ, ଅଭୟ ମଳିକ, ଦୁଃଖୀ ମଳିକ, ନେପାଳ ପୁରୀ, ବିଦ୍ୟାଧର ଦାସ, କରୁଣାକର ପୁରୀ, ଆଦିକନ୍ଦ ପୁରୀ, ଓଚିନ୍ଦା ଗ୍ରାମର ଲକ୍ଷ୍ମୀ ଆରଣ, ବିଜୟ ଗିରି ଓ ବିମଳି ବାରିକ ପ୍ରମୁଖ ହିତାଧିକାରୀ ପିଏମ୍‌ଜିୱାଇରେ ଘର କରିବା ପାଇଁ କାର୍ଯ୍ୟାଦେଶ ପାଇଥିଲେ। ହିତାଧିକାରୀ ୪ଟି ପର୍ଯ୍ୟାୟରେ ଘର ନିର୍ମାଣ କରିଥିବା ବେଳେ ପଞ୍ଚାୟତର ଜିଆର୍‌ଏସ୍ ବେହେରାଙ୍କ ପୁଅ ଆକାଶ ପରିଡା ମଧ୍ୟ ଉକ୍ତ ଘର ନିର୍ମାଣରେ ଦିନ ମଜୁରିଆ ସାଜି ଟଙ୍କା ନେଇଥିବା ପ୍ରମାଣ ମିଳିଥିଲା। ବେହେରାଙ୍କ ପୁଅ ଆକାଶ କେନ୍ଦୁଝରସ୍ଥିତ ଡିଡି କଲେଜରେ +୩ରେ ପାଠ ପଢୁଥିବା ବେଳେ ତାଙ୍କର କେନ୍ଦୁଝରସ୍ଥିତ ଏକ୍ସିସ୍ ବ୍ୟାଙ୍କ ଏକାଉଣ୍ଟରେ ଗତ ମେ' ୨୧ ତାରିଖରେ ମଷ୍ଟରରୋଲ ସଂଖ୍ୟା-୧୦୬୪ ଜରିଆରେ ମୋଟ ୧୨ ଦିନର କାର୍ଯ୍ୟଦିବସ ପାଇଁ ୨୧୮୪ ଟଙ୍କା ପ୍ରଦାନ କରାଯାଇଥିବା ଦର୍ଶାଯାଇଛି। ଏଭଳି ବହୁ ଭୂତ ଜବକାର୍ଡଧାରୀଙ୍କ ନାମରେ ଟଙ୍କା ଦିଆଯାଇଥିବା ସହିତ କେତେକ ଲୋକଙ୍କର ଜବକାର୍ଡ ନ ଥାଇ ମଧ୍ୟ ଟଙ୍କା ପ୍ରଦାନ କରାଯାଇଥିବା ଦର୍ଶାଯାଇଛି। ଏନେଇ କୋରେଇ ବିଡିଓ ହେମନ୍ତ କୁମାର ବିହାରୀ କହିଛନ୍ତି, ବେହେରାଙ୍କ ଚଞ୍ଚକତା ଧରାପଡିବା ପରେ ପଞ୍ଚାୟତ ଦାୟିତ୍ୱରୁ ଅବ୍ୟାହତି ଦିଆଯିବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାର ଉପରିସ୍ଥ ଅଧିକାରୀଙ୍କୁ ସୁପାରିସ୍ କରାଯାଇଛି। ଏପରି କି ତାଙ୍କୁ ତୁରନ୍ତ ଟଙ୍କା ଫେରସ୍ତ କରାଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ବେହେରା ଟଙ୍କା ଫେରସ୍ତ ନ କରିବାରୁ ଶେଷରେ ହିତାଧିକାରୀମାନେ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ତେଣୁ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଚଞ୍ଚକତା କରି ଟଙ୍କା ହଡ଼ପ ଅଭିଯୋଗକୁ ବେହେରା ଖଣ୍ଡନ କରିବା ସହିତ ଭୁଲ୍ ବଶତଃ ତାଙ୍କ ପୁଅଙ୍କ ଆକାଉଣ୍ଟକୁ ଟଙ୍କା ଯାଇଥିଲା ବୋଲି ସଫେଇ ଦେଇଛନ୍ତି। କୋର୍ଟ ଚାଲାଣ ହେବାପରେ ଜାମିନ୍ ନା ମଞ୍ଜୁର ହେବାରୁ ଜିଆର୍‌ଏସ୍ ବେହେରାଙ୍କୁ ଜେଲ୍ ଯିବାକୁ ପଡ଼ିଛି।

**ଦୁର୍ନୀତି ନେଇ ଅଭିଯୋଗ ହୋଇଥିଲା**



ଗିରଫ ହୋଇଥିବା ଜିଆରଏସ୍।

## ସଂକ୍ଷେପରେ

### ନଦୀରୁ ବୃଦ୍ଧାଙ୍କ ଶବ ଉଦ୍ଧାର

ଡେରାବିଶ, ୭।୧୦ (ସ୍ୱ.ପ୍ର.): ଡେରାବିଶ ଥାନା ଅଧୀନ ଗୋଲରା ହାଟସ୍ଥିତ ପାଟନାଳୀ ପୋଲରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ବୃଦ୍ଧାଙ୍କ ଶବ ରବିବାର ମଧ୍ୟାହ୍ନରେ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ଲକ୍ଷ୍ମୀନାରାୟଣପୁର ଗ୍ରାମର କରୁଣାକର ବେହେରାଙ୍କ ସ୍ତ୍ରୀ କମଳା ବେହେରା (୬୮)। ଲକ୍ଷ୍ମୀନାରାୟଣପୁର ପୋଲ ନିକଟରେ ମାଛ ଧରୁଥିବା ଜନୈକ ବ୍ୟକ୍ତି କମଳାଙ୍କ ଶବ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ପରିବାର ଲୋକେ ସେଠାରେ ପହଞ୍ଚି ଶବ ଚିହ୍ନଟ କରିଥିଲେ। ଏ ନେଇ ଥାନାରେ ୯/୧୮ ନଂ. ଏକ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୂଚନାଥାଉ କି, ପାରିବାରିକ କଳହରୁ କମଳା ଶୁକ୍ରବାର ଘର ଛାଡ଼ି କେଉଁଆଡେ ଚାଲିଯାଇଥିଲେ। ଏ ନେଇ ତାଙ୍କ ସ୍ୱାମୀ କରୁଣାକର ସେହିଦିନ ଥାନାରେ ଅଭିଯୋଗ କରିଥିଲେ। ତେବେ ଶୁକ୍ରବାର ସନ୍ଧ୍ୟାରେ ସମ୍ପୃକ୍ତ ବୃଦ୍ଧା ପାଟନାଳୀରୁ ଡେଇଁ ପଡ଼ିଥିଲେ। ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ବି ତାଙ୍କର ପତ୍ତା ମିଳି ନ ଥିଲା।

### ପୂର୍ବତନ ମନ୍ତ୍ରୀ ଦୀନବନ୍ଧୁ ସାହୁଙ୍କ ଶ୍ରାଦ୍ଧୋତ୍ସବ



କେନ୍ଦ୍ରାପଡ଼ା ଅଫିସ୍, ୭।୧୦: ପୂର୍ବତନ ଆଡଭୋକେଟ ଜେନେରାଲ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୀନବନ୍ଧୁ ସାହୁ କେନ୍ଦ୍ରାପଡ଼ା ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପାଇଁ ସର୍ବଦା ତତ୍ପରତା ଦେଖାଇଥିଲେ। ତାଙ୍କ ରାଜନୈତିକ ଜୀବନରେ ସ୍ଥାନୀୟ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ କରିଥିବା ପ୍ରଚେଷ୍ଟା ଜିଲାର ଆର୍ଥିକ ବିକାଶକୁ ମାର୍ଗ ଦେଖାଇଥିଲା। ସେହିପରି ଜିଲାରେ ବିଭିନ୍ନ ସ୍କୁଲ, କଲେଜ ଖୋଲି ଶିକ୍ଷାକୁ ସାର୍ବଜନୀନ କରିବାରେ ସେ ସହାୟକ ହୋଇଥିଲେ। ଏଥିସହ ସେ ଜଣେ ଦରଦୀ ମଣିଷ ଭାବେ ଜଣାଶୁଣା ବୋଲି ସ୍ୱର୍ଗତ ସାହୁଙ୍କ ୩୮ତମ ଶ୍ରାଦ୍ଧୋତ୍ସବରେ ଅତିଥିମାନେ ରବିବାର ମତ ଦେଇଛନ୍ତି। ସହରର କଜଳାସ୍ଥିତ ସ୍ୱର୍ଗତ ସାହୁଙ୍କ ପ୍ରତିମୂର୍ତ୍ତି ନିକଟରେ ଆୟୋଜିତ ଉତ୍ସବରେ ଶିକ୍ଷାବିତ୍ ନନ୍ଦକିଶୋର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଏଥିରେ ପୂର୍ବତନ ପୌରାଧ୍ୟକ୍ଷ ଧୀରେନ କୁମାର ସାହୁ, ଜିଲା ଯୁବ ବିଜେଡି ସଭାପତି ରାଜେଶ କୁମାର ପଣ୍ଡା, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା, ଶିକ୍ଷାବିତ୍ ଅଜୟ କୁମାର ସାମଲ, ସରୋଜରାଜ ସିଂହ, ଧ୍ରୁବଚରଣ ଜେନା, ଆଲୋକ ସାହୁ, ସଞ୍ଜୟ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଉତ୍ସବକୁ ଅଲେଖ କୁମାର ପଡ଼ିଆରୀ, ମନୋଜ ଦାସ ପ୍ରମୁଖ ପରିଚାଳନା କରିଥିଲେ।

### ସତୀର୍ଥର କବି ସମ୍ମିଳନୀ



କେନ୍ଦ୍ରାପଡ଼ା ଅଫିସ, ୭।୧୦: କେନ୍ଦ୍ରାପଡା ବ୍ଲକ କୋରୋସ୍ଥିତ ସରସ୍ୱତୀ ଛକରେ ସତୀର୍ଥ ସାହିତ୍ୟ ଅନୁଷ୍ଠାନର କାର୍ଯ୍ୟାଳୟ ଗୃହ ରବିବାର ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଏକ କବି ସମ୍ମିଳନୀ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଉତ୍ସବରେ ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ସାମଲ, ସଭାପତି ଜନାର୍ଦ୍ଦନ ପରିଡ଼ା, ସମ୍ପାଦକ ମନ୍ମଥ ନାଥ ବରାଳ, କବି ସଞ୍ଜୟ କୁମାର ମଲ୍ଲିକ, ଆଇନଜୀବୀ ପ୍ରଦୀପ କୁମାର ଦାଶ, ଡା. ରତ୍ନାକର ମଲ୍ଲିକ, ରାମକୃଷ୍ଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଠାରେ କବି ଶୈଳଜାଶଙ୍କର ସାମଲ ଓ ନାରାୟଣ ପ୍ରସାଦ ଜେନାଙ୍କ ସଂଯୋଜନାରେ କବିତାପାଠୋତ୍ସବ କରାଯାଇଥିଲା। କବି ସୁବାସ ଚନ୍ଦ୍ର ପାତ୍ର, ଅଶୋକ କୁମାର ସାହୁ, ମେଜର ଭରତ ଚନ୍ଦ୍ର ଜେନା, ଅପର୍ତ୍ତି ସେଠୀଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭାଗବତ ଷଡ଼ଙ୍ଗୀ, କରୁଣାକର ସାହୁ, ନିକୁଞ୍ଜ କୁମାର ବରାଳ ପ୍ରମୁଖ ପରିଚାଳନା କରିଥିଲେ।

# ଜିଲାରେ କମିଛି ଝୋଟ ଆମଦାନୀ

କେନ୍ଦ୍ରାପଡ଼ା ଅଫିସ୍, ୭।୧୦

- ଭିତ୍ତିଭୂମି ଥାଇ ବି ମିଳୁନି ସରକାରୀ ପ୍ରୋତ୍ସାହନ
- ଆବଶ୍ୟକଠାରୁ ଢ଼େର୍ କମ୍ ଆସୁଛି ସରକାରୀ ବିହନ
- ବାଜରରୁ ନିମ୍ନମାନର ବିହନ କିଣୁଛନ୍ତି ଚାଷୀ

ରାଜ୍ୟ ସରକାର ପ୍ଲାଷ୍ଟିକ ବ୍ୟାଗକୁ ବ୍ୟାନ କରିଛନ୍ତି। ଝୋଟ ଓ କପଡ଼ା ବ୍ୟାଗ ଏହାର ବିକଳ୍ପ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ଝୋଟ ଉତ୍ପାଦନ କମିଥିବାରୁ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭିତ୍ତିଭୂମି ଥିଲେ ମଧ୍ୟ ସୀମିତ ସରକାରୀ ପ୍ରୋତ୍ସାହନ ଏଥିରେ ବାଧକ ସାଜିଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ୨୦୦୫ରେ କେନ୍ଦ୍ରାପଡ଼ା ଜିଲାରେ ମୋଟ ୨୧୫୨ ହେକ୍ଟର ଅଞ୍ଚଳରେ ନଳିତା ଚାଷ ହୋଇଥିଲା। ଜଳବାୟୁ, ମୃତ୍ତିକା ଏହି ଚାଷ ପାଇଁ ଉପଯୁକ୍ତ ଥିବାରୁ ୨୦୧୦ ବେଳକୁ ଏହାର ପ୍ରସାର ଘଟି ପ୍ରାୟ ୮ ହଜାର ହେକ୍ଟର ଅଞ୍ଚଳରେ ଚାଷ ହୋଇଥିଲା। ଏହାକୁ ଲକ୍ଷ୍ୟ କରି ସହର ନିକଟସ୍ଥ ଜଜାଙ୍ଗଠାରେ ୪୬ଏକର ଜମି ଉପରେ ଝୋଟ ଗବେଷଣା କେନ୍ଦ୍ର ପତିଷ୍ଠା କରାଯାଇଥିଲା। ଏହାର ପ୍ରସାର ଘଟି ୨୦୧୪ରେ ୧୪ ହଜାର ହେକ୍ଟର ଜମିରେ ନଳିତା ଚାଷ ହୋଇଥିଲା। ଏଥିପାଇଁ ପ୍ରାୟ ୨୮ କୁଇଣ୍ଟାଲ ବିହନ ଆବଶ୍ୟକ ଥିବା ବେଳ ୨୦୧୮ରେ ମାତ୍ର ୨ କୁଇଣ୍ଟାଲ ବିହନ ସରକାରୀ ଗୋଦାମକୁ ଆସିଥିଲା। ଅବଶିଷ୍ଟ ବିହନ ଚାଷୀ ବଜାର ମୂଲ୍ୟରେ କିଣି ବ୍ୟବହାର କରିଥିଲେ ମଧ୍ୟ ତାହା ନିମ୍ନମାନର ବୋଲି ଜଣାପଡ଼ିଛି। କେନ୍ଦ୍ରାପଡା ଜିଲାରେ ଶିଳ୍ପ, ଖଣି ଅଥବା ବୃହତ୍ ମଧ୍ୟମ ଧରଣର ଉଦ୍ୟୋଗ ନାହିଁ। କୃଷି ହିଁ ଆର୍ଥିକ ବିକାଶର ଏକମାତ୍ର ଚାବିକାଠି। ନଳିତା ଓ ମେସ୍ତା ଚାଷ କରି ଏଥିରୁ ଉତ୍ପନ୍ନ ଝୋଟ କଲିକତା ଝୋଟକଲକୁ ପଠା ଯାଉଥିଲା। ପୀତା ଓ ମିଠା ନଳିତା ସହିତ ମେସ୍ତା ଚାଷ ଚାଷୀଙ୍କୁ ଦି ପଇସା ରୋଜଗାରର ବାଟ ଦେଖାଇଥିଲା।

ଚଳିତ ବର୍ଷ ୧୨ ଏକର ଜମିରେ ଲଳିତା ଚାଷ କରିଥିବା କେନ୍ଦ୍ରାପଡା ବ୍ଲକ କଂସାର ପଞ୍ଚାୟତର ଚାଷୀ ନିରଞ୍ଜନ ପରିଡ଼ା କହିଛନ୍ତି ଯେ, କେନ୍ଦ୍ରପଡ଼ାର ମାଟି ନଳିତା ଓ ମେସ୍ତା ପାଇଁ ଉପଯୁକ୍ତ। ଏହି ଚାଷ କରି ଝୋଟ ବିକିବା ସହିତ ବିଭିନ୍ନ ସମୟରେ ମିଠା ଲଳିତା ପତ୍ର ଓ ଦିପାବଳିରେ କାଉଁରିଆ କାଠି ବିକି ବେଶ କିଛି ପଇସା ହାତକୁ ଆସୁଥିଲା। ତେବେ କୃଷି ବିଭାଗର ଅପାରଗତା ହେତୁ ଚଳିତ ବର୍ଷ ବିହନ ମିଳିବା ଅସମ୍ଭବ ହୋଇପଡିଛି। ବଜାରରୁ କିଣା ଯାଇଥିବା ବିହନ ଖୁବ ନିମ୍ନମାନର ବୋଲି ସେ ଅଭିଯୋଗ କରିଛନ୍ତି। ଜିଲାର ପାରିପଙ୍ଗରାଠାରେ ଝୋଟକୁ ବ୍ୟବହାର କରି ଏକ କୁଟୀର ଶିଳ୍ପକେନ୍ଦ୍ର ରହିଛି। ସ୍ୱୟଂ ସହାୟକ ଗୋଷ୍ଠୀର ୬୦ଜଣ ସଦସ୍ୟା ଏହାକୁ ଚଳାଉଛନ୍ତି। ସେମାନେ କହିଛନ୍ତି ଯେ, ଝୋଟ ସୁଲଭ ମୂଲ୍ୟରେ ମିଳିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଚାଷର ଆବଶ୍ୟକତା ଅଛି। ଚଳିତ ବର୍ଷ ସରକାରୀ ବିହନ ଠିକ୍ ସମୟରେ ଓ ଠିକ ପରିମାଣରେ ନ ଯୋଗାଇବା ଫଳରେ କୁଟୀର ଶିଳ୍ପ ପାଇଁ ଜିଲା ବାହାରୁ ଝୋଟ କିଣିବାକୁ ପଡିବ। ଫଳରେ ଉତ୍ପାଦିତ ଦ୍ରବ୍ୟର ମୁଲ୍ୟ ବଢ଼ିଯିବ। ଯାହାଫଳରେ ବ୍ୟବସାୟିକ ପ୍ରତିଦ୍ୱନ୍ଦୀ ହୋଇ ତିଷ୍ଠି ରହିବା ଅସମ୍ଭବ ହେବ। ତୁରନ୍ତ ନଳିତା ଚାଷ ପାଇଁ ସରକାର ସ୍ୱତନ୍ତ୍ର ନୀତି ପ୍ରସ୍ତୁତ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

# ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

କେନ୍ଦ୍ରାପଡା ଅଫିସ, ୭।୧୦

ଓଡ଼ିଶା ରାଜ୍ୟ ଶିଶୁ ମଙ୍ଗଳ ପରିଷଦ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ମିଳିତ ସହଯୋଗରେ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ସହରର ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଟି ବିଭାଗର ମୋଟ ୧୧୪ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିବିଭାଗର ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ସୂଚନା ଦେଇଛନ୍ତି। ଚିତ୍ରାଙ୍କନ ପ୍ରତିଯୋଗିତାକୁ ଜିଲାପାଳ ଦାଶରଥି ଶତପଥୀ, ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର ବୁଲି ଦେଖିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଳ୍ପ ସଙ୍କଳନ ‘ଲଭ ବାଇଟ୍’ ଉନ୍ମୋଚିତ



ଗଳ୍ପ ସଙ୍କଳନ ଉାନ୍ମୋଚନରେ ଅତିଥିମାନେ।

କେନ୍ଦ୍ରାପଡା ଅଫିସ, ୭।୧୦

ଯୁବ କଥାକାର ମାତୃଦତ୍ତ ମହାନ୍ତିଙ୍କ ଚତୁର୍ଥ ଗଳ୍ପ ସଙ୍କଳନ ‘ଲଭ୍ ବାଇଟ’ ରବିବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଛି। ସହରର ମାଧପୁରସ୍ଥିତ ପୁନର୍ବାସ କାର୍ଯ୍ୟାଳୟ ପରିସରରେ ଏଥିପାଇଁ ଆୟୋଜିତ ସଭାରେ ଗାଳ୍ପିକ ଓ ବରିଷ୍ଠ ପ୍ରଶାସକ ଡା. ବିରଜା ରାଉତରାୟ ଅଧ୍ୟକ୍ଷତା କରିଥିଲେ। ପ୍ରାବନ୍ଧିକ ଡା. ସର୍ବେଶ୍ୱର ସେଣ ଓ କବି ଅନ୍ନପୂର୍ଣ୍ଣା ମହାନ୍ତି ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ସମୟରେ ଗଳ୍ପର ଆବଶ୍ୟକତା ଓ ଭୂତ୍ତିଭୂମି ସମ୍ପର୍କରେ ଆଲୋଚନା କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ଘଟଣାବଳୀକୁ ସୁବିସ୍ତୃତ ଭାବେ ବର୍ଣ୍ଣନା କରିବା ପ୍ରାରମ୍ଭିକ ସମୟରେ ଦେଖାଯାଉଥିଲା। ତେବେ ଏହା କ୍ରମଶ ସଙ୍କୁଚିତ ହୋଇ ସାମାଜିକ ଗଣମାଧ୍ୟମକୁ ପରିପୃଷ୍ଟ କରୁଛି। ଉପଯୁକ୍ତ ଶବ୍ଦ ଚୟନ ଓ ଲେଖାର ଚାତୁରୀ ଲେଖକକୁ ଉପଯୁକ୍ତ ମର୍ଯ୍ୟାଦା ଦେଇ ପାରିବ ବୋଲି ସେମାନେ ମତ ଦେଇଥିଲେ। ଏହି ଉନ୍ମୋଚନ ସଭାରେ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

# ବିଜୁ ଯୁବବାହିନୀ ପକ୍ଷରୁ ବୃକ୍ଷରୋପଣ

ଆଳି, ୭।୧୦ (ଡି.ଏନ୍.ଏ.)

ଆଳି ବ୍ଲକ ବଡାମ୍ବିଳା ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ରବିବାର ପୂର୍ବାହ୍ନରେ କେଶବାନନ୍ଦ ବାଳିକା ଉଚ୍ଚ ବିଦ୍ୟାପୀଠ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବବାହିନୀ ସଭାପତି ଭୁବନାନନ୍ଦ ଦାଶ ଓ ସମ୍ପାଦକ ମୁକେଶ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଏଥିରେ ରାଜ୍ୟସଭା ସଦସ୍ୟ ପ୍ରତାପ କେଶରୀ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ, କେଦାର ନାଥ ବେହେରା, ବଡାମ୍ବିଳା ସରପଞ୍ଚ ଭରତ ସେଠୀ, ସମିତିସଭ୍ୟା ମମତା ତରାଇ, ପ୍ରଦ୍ୟୁମ୍ନ ଦାଶ, ବରିଷ୍ଠ ବିଜେଡି ନେତା ବିଜୟ ମହୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଜୁ ଯୁବବାହିନୀ ପକ୍ଷରୁ ନୁଆଗାଁ ସିନିୟର ବେସିକ ସ୍କୁଲ, ନମୌଜା ହାଇସ୍କୁଲ, ବେତା ଉପ୍ରା ବିଦ୍ୟାଳୟ, ସାହୁପଡା ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

## ■ ଛଟିଣା ଦୁର୍ଗା ପୂଜା ମଣ୍ଡପ

# ଆକର୍ଷଣ ସାଜେ ପଣାହାଣ୍ଡି ଭୋଗ

ଡେରାବିଶ, ୭।୧୦ (ସ୍ୱ.ପ୍ର.)

ଶାରଦୀୟ ଦୁର୍ଗାପୂଜା ପାଇଁ ସବୁଠି ପ୍ରସ୍ତୁତି କାର୍ଯ୍ୟ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଣ୍ଡପ ସାଜସଜ୍ଜା ସାଙ୍ଗକୁ ଭଳିକି ଭଳି ତୋରଣ ତିଆରି ହୋଇଛି। ମହାସପ୍ତମୀ ତିଥିରୁ ପୂଜା ଆରମ୍ଭ ହେବାକୁ ଥିବା ବେଳେ ସମସ୍ତେ ଯେପରି ମା'ଙ୍କ ଆଗମନଙ୍କୁ ଅନାଇ ବସିଛନ୍ତି। ଡେରାବିଶ ବ୍ଲକର ବିଭିନ୍ନ ସ୍ଥାନରେ ଖୁବ୍ ଧୁମ୍‌ଧାମ୍‌ରେ ମା'ଶକ୍ତିମୟୀଙ୍କ ପୂଜାର୍ଚ୍ଚନା କରାଯାଉଥିବା ବେଳେ ଅନେକ ମଣ୍ଡପର ନିଜସ୍ୱ ପରମ୍ପରା ରହିଛି। ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଛଟିଣାସ୍ଥିତ ମା'ଦୁର୍ଗା ପୂଜ ମଣ୍ଡପରେ ମା'ଙ୍କ ପାଖରେ ପଣାହାଣ୍ଡି ଭୋଗ ଲାଗି କରାଯାଏ। ଏହି ଭୋଗ ଡେରାବିଶ ଓ ଏହାର ଆଖପାଖ ଅଞ୍ଚଳରେ ବେଶ ପ୍ରସିଦ୍ଧ। ବ୍ରତଧାରୀମାନେ ମା'ଙ୍କ ନିକଟରେ ପଣାହାଣ୍ଡି ଭୋଗ କରନ୍ତି। ଛଟିଣା ମଣ୍ଡପରେ ଏବେ ସୁଦ୍ଧା ମୂର୍ତ୍ତି ନିର୍ମାଣ ପରେ ଦୋମାଟିଆ କାର୍ଯ୍ୟ ଶେଷ ହୋଇଛି। ଚଳିତ ବର୍ଷ ଦୁର୍ଗା ପୂଜା ଅବସରରେ ସପ୍ତମୀ ତିଥିରେ ଅପରାହ୍ନ ୧୨ଟା ୪୦ ମଧ୍ୟରେ ମା'ଙ୍କ ଚକ୍ଷୁଦାନ, ମହାଷ୍ଟମୀରେ ଡାଲାଭୋଗ ଓ ପଣାହାଣ୍ଡି ଭୋଗ, ମହାନବମୀ ଓ ବିଜୟାଦଶମୀ ତିଥିରେ ଅପରାଜିତା ପୂଜା ହେବ ବୋଲି ପୂଜା କମିଟିର ସଭାପତି ପବିତ୍ର କୁମାର ଭୂୟାଁ ଜଣାଇଛନ୍ତି। ପଣାହାଣ୍ଡି ଏଠାରେ ସ୍ୱତନ୍ତ୍ର ପୂଜା ବିଧି ରହିଥିବା କମିଟି ସମ୍ପାଦକ ବିଶ୍ୱଜିତ ଭୂୟାଁ କହିଛନ୍ତି। ପ୍ରତ୍ୟହ ସନ୍ଧ୍ୟାର ବିଶିଷ୍ଟ ପ୍ରବଚକଙ୍କ ଦ୍ୱାରା ପ୍ରବଚନ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଥିବା ଶ୍ରୀବତ୍ସ ସାମନ୍ତରାୟ ଓ ଚିନ୍ମୟ ଭୂୟାଁ ପ୍ରକାଶ କରିଛନ୍ତି। ଚଳିତବର୍ଷ ମୁଖ୍ୟ ପୂଜକ ପଣ୍ଡିତ ପ୍ରତାପ କୁମାର ପଣ୍ଡା ଓ ସହଯୋଗୀ ରମାକାନ୍ତ ପାଢୀ ପୂଜା ଦାୟିତ୍ୱରେ ରହିଛନ୍ତି।



ପୂଜା ମଣ୍ଡପରେ ନିର୍ମିତ ମୂର୍ତ୍ତି।

# ମିଳିବ ରୋପୱେ, ବୋଟିଂ ସୁବିଧା

କେନ୍ଦ୍ରାପଡ଼ା ଅଫିସ୍, ୭।୧୦

କେନ୍ଦ୍ରାପଡା ଜିଲାସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକା ଆହୁରି ଚମକିବ। ଜୈବ ବିବିଧତାରେ ଭରା ଭିତରକନିକାରେ ପର୍ଯ୍ୟଟକଙ୍କ ପାଇଁ ବୋଟିଂ ସହିତ ରୋପୱେ ବ୍ୟବସ୍ଥା ହେବ। ଯାହାଫଳରେ ପର୍ଯ୍ୟଟକ ବରୁଣେଇ ଅଞ୍ଚଳକୁ ଆକାଶ ମାର୍ଗରେ ଯାଇ ନଦୀନାଳରେ ଥିବା ଲୁଣା କୁମ୍ଭୀର ଦେଖିବା ସହ ବିଭିନ୍ନ ପ୍ରକାର ଜୀବଜନ୍ତୁରେ ଭରା ପ୍ରାକୃତିକ ହେନ୍ତାଳବଣକୁ ଉପଭୋଗ କରିପାରିବେ। ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଫେଡେରେଶନ ଅଫ ଇଣ୍ଡିଆନ ଚାମ୍ବର୍ସ ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ପକ୍ଷରୁ ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ ଟ୍ରାଭେଲ ବଜାରର ବିଜନେସ ଟୁ ବିଜନେସ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକକୁ ମନ୍ତ୍ରୀ ପଣ୍ଡା ଉଦ୍‌ଘାଟନ କରିବା ସମୟରେ ଉପରୋକ୍ତ ସୂଚନା ଦେଇଥିଲେ। ସେ ସୂଚନା ଦେଇଛନ୍ତି ଯେ, ଆଗାମୀ ଦିନରେ ଧଉଳି, ଖଣ୍ଡାଧାର ଓ ବରୁଣେଇରେ ରୋପୱେ ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି।

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ପେଣ୍ଠ ନିକଟ ବରୁଣେଇ ମୁହାଣ ଓ ଏହାର ଚତୁଃପାର୍ଶ୍ୱ ଏକ ସୁନ୍ଦର ସମୁଦ୍ର ବେଳାଭୂଇଁ ଝାଉଁ ଜଙ୍ଗଲରେ ପରିଣତ ହୋଇଛି। ୧୯୭୫ରେ ଭିତରକନିକାକୁ ବନ୍ୟପ୍ରାଣୀ ସଂରକ୍ଷିତ ଅଞ୍ଚଳ ଭାବେ ଘୋଷଣା କରାଯାଇଥିବା ବେଳେ ବରୁଣେଇ ଅଞ୍ଚଳ ସେହି ପରିସର ଅନ୍ତର୍ଭୁକ୍ତ ହୋଇଛି। ୧୯୯୭ରେ ଗହୀରମଥାକୁ ସାମୁଦ୍ରିକ ଅଭୟାରଣ୍ୟ ମାନ୍ୟତା ମିଳିବା ପରେ, ବରୁଣେଇ ମୁହାଣ ଅଞ୍ଚଳ ସାମୁଦ୍ରିକ ଜୀବଜନ୍ତୁ, ବନ୍ୟପ୍ରାଣୀ, ଦେଶ ବିଦେଶ ପକ୍ଷୀଙ୍କ ଚରାଭୂମି ପାଇଁ ଉତ୍କୃଷ୍ଟ କ୍ଷେତ୍ର ପାଲଟିଛି। ୧୯୯୮ରେ ଭିତରକନିକା ଜାତୀୟ ଉଦ୍ୟାନର ମାନ୍ୟତା ପାଇବା ପରେ ଏହିସ୍ଥାନକୁ ସାମୁଦ୍ରିକ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନ ପରି ଦୁଇଟି ଅନ୍ତଃରାଷ୍ଟ୍ରୀୟ ମାନ୍ୟତା ମିଳିଛି। ବରୁଣେଇ ଜାତୀୟ ଉଦ୍ୟାନ ପରିସରରେ ଘନ ଝାଉଁ ଓ ହେନ୍ତାଳ ଜଙ୍ଗଲ କିଛିବର୍ଷ ମଧ୍ୟରେ ଅଭିବୃଦ୍ଧି ଘଟିଛି। ବରୁଣେଇ କ୍ରିକର ଦୁଇପଟରେ ଥିବା ଜଙ୍ଗଲରେ ହରିଣ, ବାରହା, ଝିଙ୍କ, ବଣୁଆ ଗୋଧି ନିର୍ଭୟରେ ବିଚରଣ କରୁଥିବା ବେଳେ ମୁହାଣ ସଂଲଗ୍ନ ବହୁ ସଂଖ୍ୟକ ନାଳ, ଉପନାଳରେ କୁମ୍ଭୀର ଓ ନାନା ପ୍ରଜାତିର ଜଳଚର ଜୀବ ଦେଖାଯାଆନ୍ତି। ଏଥିସହିତ ବରୁଣେଇ ମୁହାଣର ୨ କି.ମି. ପ୍ରଶସ୍ଥ ଜଳରାଶିରେ ଏବେ ଦେଶବିଦେଶର ବହୁ ଦୁର୍ଲଭ ପ୍ରଜାତିର ପକ୍ଷୀଙ୍କ ସମାବେଶ ଚିଲିକାଠାରୁ ଆହୁରି ଆକର୍ଷଣୀୟ ହୋଇପଡ଼ିଛି। ବେଳାଭୂମି ଓ ଉପକୂଳରେ ହେନ୍ତାଳ ବଣର ବନୀ, ପାଣିବେଲ, ଗୁଆ ଆଦି ୫୨ ପ୍ରକାରର ବିରଳ ଔଷଧୀୟ ବୃକ୍ଷ ଓ ଗୁଳ୍ମ ସମେତ ସ୍ଥନେସ୍ଥାନେ ନଡ଼ିଆ ପିଜୁଳି ବେଲ, ବିଭିନ୍ନ କୋଳି ଗଛ ଅଛି। ଏଥିସହିତ ଏହି ଜଙ୍ଗଲର ଏକ ପାଖରେ ୫୦୦ ମିଟରରୁ ଅଧିକ ବେଳାଭୂମି ଅଛି। ତେବେ ଦୁର୍ଭାଗ୍ୟକୁ ବରୁଣେଇର ଏହି ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ କୌଣସି ପ୍ରଚାର, ପ୍ରସାର ହୋଇ ନଥିବା ବେଳେ ଏହି ମୁହାଣସ୍ଥାନକୁ ଯିବା ପାଇ ରାସ୍ତାଟିଏ ନାହିଁ।

### ଚମକିବ ବରୁଣେଇ ଜଙ୍ଗଲ



ଭିତରକନିକାସ୍ଥିତ ବରୁଣେଇ ଜଙ୍ଗଲ।

# ଆତ୍ମପ୍ରତ୍ୟୟ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଥାଏ

କେନ୍ଦ୍ରାପଡା ଅଫିସ, ୭।୧୦

### ବିଶ୍ୱ ବଧିର ଦିବସ

ଦମ୍ଭ ଓ ସାହସ ବହୁ ଭିନ୍ନକ୍ଷମଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଛି। ଭଲିବଲ ଖେଳାଳି ଅରୁଣିମା ସିହ୍ନା ଏକ ରେଳ ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇ ଥିଲେ ମଧ୍ୟ ନିକଟରେ ପର୍ବତାରୋହଣ କରି ସାରା ବିଶ୍ୱକୁ ଚମକାଇ ଦେଇଛନ୍ତି। ଭିନ୍ନକ୍ଷମଙ୍କ ମନରେ ଆତ୍ମପ୍ରତ୍ୟୟ ସୃଷ୍ଟି ପାଇଁ ସମସ୍ତେ ସହଯୋଗ କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେବ ନାହିଁ ବୋଲି ବିଶ୍ୱ ବଧିର ଦିବସରେ ଅତିଥିମାନେ ମତ ଦେଇଛନ୍ତି। ଏ ନେଇ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସହରର ଟାଉନ ହଲଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ସଭାରେ ଜିଲାପାଳ ଦାଶରଥି ଶତପଥୀ, ଏଡିଏମ ବସନ୍ତ କୁମାର ରାଉତ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ସିଡିଏମ୍‌ଓ ଡା. ବୈଷ୍ଣବ ଚରଣ ସାହୁ, ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ କେତେଜଣ ଶ୍ରବଣ ବାଧିତଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଥିଲା। ସେହିପରି କାର୍ଯ୍ୟକ୍ରମର ଦ୍ୱତୀୟ ପର୍ଯ୍ୟାୟରେ ଶିଶୁ ରୋଗ ବିଶେଷଜ୍ଞ ଡା. କିଶୋର ଚନ୍ଦ୍ର ମିଶ୍ର, ଶ୍ରବଣ ରୋଗ ବିଶେଷଜ୍ଞ ଡା. ଚିନ୍ମୟ ମିଶ୍ର, ଗୋଷ୍ଠୀ ସମ୍ବଳ ଶିକ୍ଷକ ଶ୍ରୀଧର ଭୋଳ ଓ ସାଙ୍କେତିକ ଭାଷା ବିଶେଷଜ୍ଞ ପ୍ରଶାନ୍ତ କୁମାର ପ୍ରଧାନ ଶ୍ରବଣ ବାଧିତ ଭିନ୍ନକ୍ଷମଙ୍କର ଉପଚାର କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ୱପ୍ନାଂଶୁ କୁମାର ଦାସ, ସ୍ୱାଗତିକା ପ୍ରଧାନ, ପ୍ରିୟା ପ୍ରମୁଖ ପରିଚାଳନା କରିଥିଲେ।

# ଶ୍ମଶାନ ସଫା କଲେ ଗ୍ରାମବାସୀ



ଗ୍ରାମବାସୀ ଶ୍ମଶାନ ସଫେଇ କରୁଛନ୍ତି।

ଆଳି, ୭।୧୦ (ଡି.ଏନ୍.ଏ.)

ଆଳି ବ୍ଲକ ବଡାମ୍ବିଳା ପଞ୍ଚାୟତ ଅଧୀନ ବଡାମ୍ବିଳା ଗ୍ରାମବାସୀ ରବିବାର ପୂର୍ବାହ୍ନରେ ଗ୍ରାମ ଶ୍ମଶାନ ସଫା କରିଛନ୍ତି। ବଡାମ୍ବିଳା ସ୍କୁଲ ନିକଟରେ ଥିବା ଶ୍ମଶାନରେ ଅନାବନା ଗଛ ସହ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଥିଲା। ଏହି ସଫେଇ କାର୍ଯ୍ୟକ୍ରମରେ ଗ୍ରାମର ଭଜଗୋବିନ୍ଦ ବେହେରା, ରଙ୍କରତ୍ନ ବେହେରା, ବ୍ରହ୍ମାନନ୍ଦ ମହାନ୍ତି, ପ୍ରଫୁଲ୍ଲ ମହାନ୍ତି, ପ୍ରଭାକର ବେହେରା, ଉମାକାନ୍ତ ସାହୁ, ପ୍ରଭାତ ଦାସ, ଧନେଶ୍ୱର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଷଣ୍ଢ, ମଦନ ବେହେରା, ସନ୍ତୋଷ ସାହୁ, ସୁରେଶ ମହାନ୍ତି, ବିଜୟ ମହି, ସହଦେବ ଦାସ, ସନ୍ତୋଷ ମହାନ୍ତି, ରଞ୍ଜନ ମହାନ୍ତି ଓ ପ୍ରଭାତ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣୁଛି ସୁରଭି

ଡେରାବିଶ, ୭।୧୦ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଶିକ୍ଷା ସର୍କଲ ଅଧୀନ ବିଭିନ୍ନ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଖମୋଳ ଆଞ୍ଚଳିକ ସାଧନକେନ୍ଦ୍ର ପକ୍ଷରୁ ଡାଳିଜୀସ୍ଥିତ ବାଗ୍‌ଦେବୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ଇତିମଧ୍ୟରେ ସୁରଭି ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ୧୨ ବିଦ୍ୟାଳୟର ୮୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅପରାହ୍ନରେ ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ପାଣିଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ଲିଲିମା ପରିଡ଼ା ମୁଖ୍ୟଅତିଥି, ଶିକ୍ଷାବିତ୍ ରାଜକିଶୋର ଜେନା ମୁଖ୍ୟବକ୍ତା ଓ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରଶ୍ମିତା ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ପ୍ରମୋଦ କୁମାର ମଲ୍ଲ ଅତିଥି ପରିଚୟ ଓ ଶିକ୍ଷକ ଲଲାଟ କେଶରୀ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ରାଧାକାନ୍ତ ମୁଦୁଲି ଓ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଭବାନୀଶଙ୍କର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିଲେ। ସେହିପରି ଗୁରୁବାର ଯୁଗଜ୍ୟୋତି ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ କୁରୁଜଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନ ଶିକ୍ଷକ ଅଲେଖ ପ୍ରସାଦ ରାଉତଙ୍କ ଦ୍ୱାରା ଉଦଘାଟିତ ଏହି କାର୍ଯ୍ୟକ୍ରମରେ ସାଧନ କେନ୍ଦ୍ର ଅଧୀନ ୧୫ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଧାନ ଶିକ୍ଷକ ରାଉତଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଇଓ ଅକ୍ଷୟ କୁମାର ସ୍ୱାଇଁ ଯୋଗଦେଇ, ସମ୍ମାନିତ ଅତିଥି ଭାବେ କୁରୁଜଙ୍ଗା ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ, ସିଆରସିସି ଅକ୍ଷୟ କୁମାର ମହାପାତ୍ର ଓ କୁରୁଜଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶୁତୋଷ ବେହେରା ଯୋଗଦେଇଥିଲେ। ସାଧନକେନ୍ଦ୍ରସ୍ତରୀୟ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଭାବେ ଆଶୁତୋଷ ବେହେରା, ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ କନକଲତା ପୃଷ୍ଟି, ଶ୍ରେଷ୍ଠ ପାଚିକା ଭାବେ ଅହଲ୍ୟା ସେନାପତି ଓ ଶ୍ରେଷ୍ଠ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଭାବେ ବିଜୟ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଈଶ୍ୱରଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ କଳ୍ପନା ମଞ୍ଜରୀ ସାହୁ, ସୁଜାତା ନାୟକ, ମଧୁଛନ୍ଦା ପତି, ଶିକ୍ଷକ ଦୈତାରୀ ବେହେରା, କ୍ଷିରୋଦଚନ୍ଦ୍ର ତ୍ରିପାଠୀ, ଗୌତମ ଭୂୟାଁ, ଉମାକାନ୍ତ ସାହୁ, ଜିତେନ୍ଦ୍ର କୁମାର ସାହୁ, ଶରତଚନ୍ଦ୍ର ନାୟକ ପରିଚାଳନାରେ କରିଥିଲେ।





ଯୁଗଜ୍ୟୋତି ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।



ନୀଚ ଲୋକଠାରେ ଯଦି ଉଚ୍ଚ ବିଦ୍ୟା ଥାଏ, ତେବେ ଜାତି ଧର୍ମ ନ ବିଚାରି ତାହା ଗ୍ରହଣ କରିବା ଉଚିତ, ଯେପରି ଶାମୁକା ଭିତରୁ ମୁକ୍ତା ସଂଗ୍ରହ ହୁଏ।
- ବ୍ୟାସଦେବ

## ସଂକ୍ଷେପରେ

### ମର୍ଦ୍ଦରାଜପୁର-ବେଣାଗାଡ଼ିଆ ରାସ୍ତାପାର୍ଶ୍ୱ ପାଲଟିଛି ମୁକ୍ତାକାଶ ପାଇଖାନା

**ଖଣ୍ଡପଡା,୭।୧୦(ସ୍ୱ.ପ୍ର.):** କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱଚ୍ଛ ଭାରତ ଯୋଜନା ଉପରେ ବିଶେଷ ଭାବେ ଗୁରୁତ୍ୱାରୋପ କରୁଥିବା ବେଳେ ସାଧାରଣରେ ସଚେତନତାର ଅଭାବ ଯୋଗୁ ମୁଖ୍ୟ ରାସ୍ତା ପାର୍ଶ୍ୱ ପାଲଟିଛି ମୁକ୍ତାକାଶ ପାଇଖାନା। ଖଣ୍ଡପଡାରୁ ଖଳିସାହି ଦେଇ ପ୍ରଭୁ ଶ୍ରୀ ନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ସଂଯୋଗ କରୁଥିବା ପୂର୍ତ୍ତବିଭାଗ ରାସ୍ତା ମଧ୍ୟସ୍ଥ ମର୍ଦ୍ଦରାଜପୁରରୁ ବେଣାଗାଡିଆ ଗ୍ରାମକୁ ଯାଇଥିବା ରାସ୍ତା ପାର୍ଶ୍ୱରେ ଆଖପାଖ ଅଞ୍ଚଳର ଲୋକେ ଦୈନିକ ଶୌଚ ହେଉଥିବା ପରିଲକ୍ଷିତ ହେଉଛି । ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ନାକରେ ହାତ ଦେଇ ଯିବା ଆସିବା କରୁଛନ୍ତି। ଦୁର୍ଗନ୍ଧରେ ନାକ ଫାଟିପଡୁଛି। ଦୈନିକ ଉକ୍ତ ରାସ୍ତାଦେଇ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଯାନବାହନ ଯୋଗେ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଶ୍ରୀ ନୀଳମାଧବଙ୍କ ପୀଠ କଣ୍ଟିଲୋକୁ ଯାତାୟାତ କରୁଥିବାରୁ ଏ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଉକ୍ତ ରାସ୍ତା ପାର୍ଶ୍ୱରେ ମଳତ୍ୟାଗ ସମ୍ପୂର୍ଣ୍ଣ ବନ୍ଦକରିବା ସହ ଏ ନେଇ ସାଧାରଣରେ ବ୍ୟାପକ ସଚେତନତା ସୃଷ୍ଟି ନିମନ୍ତେ ବିଭିନ୍ନ ମହଲରୁ ଦାବି ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାର ମଞ୍ଜୁର କରୁଥିବା ଅନୁଦାନ ଅର୍ଥ ଜରିଆରେ ପ୍ରତ୍ୟେକ ବ୍ୟକ୍ତି ଘରେ ଯେପରି ପାଇଖାନା ନିର୍ମାଣ କରି ବ୍ୟବହାର କରିବେ ସେଥିପ୍ରତି ବ୍ଲକ ପ୍ରଶାସନ, ବେଣାଗାଡିଆ ଓ ମର୍ଦ୍ଦରାଜପୁର ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଅପରପକ୍ଷେ ଅଧିକାଂଶ ଲୋକେ ଘରେ ସରକାରଙ୍କ ଯୋଜନା କ୍ରମେ ପାଇଖାନା ନିର୍ମାଣ କରିଥିଲେ ମଧ୍ୟ ସେଥିମଧ୍ୟରୁ ଅନେକ ଖୋଲାମେଲାରେ ରାସ୍ତା କଡରେ ଶୌଚ ହେଉଥିବା ଜଣାପଡିଛି। ସେଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

### ଗୋ ମହିଷାଦି ପ୍ରାଣୀଙ୍କ ଟିକାକରଣ, ଔଷଧ ବଣ୍ଟନ



**ଗଣିଆ,୭।୧୦(ଡି.ଏନ.ଏ.):** ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣାଞ୍ଚଳ ନୟାଗଡ଼ ପକ୍ଷରୁ ରବିବାର ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳରେ ଗୋ-ମହିଷାଦି ପ୍ରାଣୀଙ୍କ ସମୂହ ଟିକାକରଣ ଓ ଔଷଧ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା ଓ ବନପାଳ ଗୋଲକ ବିହାରୀ ବେହେରାଙ୍କ ତତ୍ତ୍ୱାବଧାନରେ ଗଣିଆ ପ୍ରାଣୀଧନ ଚିକିତ୍ସାଧିକାରୀ ନିଗମାନନ୍ଦ ପାଢ଼ୀଙ୍କ ସମେତ ବିଭାଗୀୟ କର୍ମଚାରୀ ଗୋ-ମହିଷାଦି ପ୍ରାଣୀମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରି ଟିକାକରଣ ଓ ଔଷଧ ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ, ଅଭୟାରଣ୍ୟ ମଧ୍ୟରେ ଚଳପ୍ରଚଳ କରୁଥିବା ଗୋ-ମହିଷାଦି ପ୍ରାଣୀମାନଙ୍କ ଦେହରେ ଥିବା ସାହାଣ, ଫାଟୁଆ ଓ ବଜବଜିଆ ଭଳି ଭୂତାଣୁଜନିତ ରୋଗ ବନ୍ୟପ୍ରାଣୀଙ୍କୁ ସଂକ୍ରମିତ ହୋଇ ବ୍ୟାପିଥାଏ। ତେବେ ଏହି ରୋଗ ଦାଉରୁ ବନ୍ୟପ୍ରାଣୀଙ୍କୁ ରକ୍ଷା କରିବା ପାଇଁ ପ୍ରତିବର୍ଷ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଅଭୟାରଣ୍ୟ ଅଞ୍ଚଳର ଗୋ-ମହିଷାଦି ପ୍ରାଣୀଙ୍କୁ ଟିକାକରଣ ଓ ଔଷଧ ବଣ୍ଟନ କରାଯାଇଥାଏ। ସେହିପରି ସଂକ୍ରମିତ ଗୋରୁଙ୍କ ଚରାବୁଲା ପାଇଁ ଅଭୟାରଣ୍ୟ ମଧ୍ୟକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥାଏ।

### ହାତୀ ଉପଦ୍ରବ : ୬ ଏକର ଫସଲ ନଷ୍ଟ

**ଟାଙ୍ଗୀ (ଖୋର୍ଦ୍ଧା), ୭।୧୦ (ଡି.ଏନ.ଏ.):** ଶନିବାର ସନ୍ଧ୍ୟା ସମୟରେ ରଣପୁର ବ୍ଲକ୍ ଅନ୍ତର୍ଗତ ରାଜଜଙ୍କିଆ ପଞ୍ଚାୟତରେ ହାତୀପଲ୍ଲ ପଶି ୬ ଏକର ଧାନ ଜମି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିବା ଖବର ମିଳିଛି । ରାଜଜଙ୍କିଆ ଗ୍ରାମର ମଙ୍ଗୁଳି ବେହେରାଙ୍କ ୪ ଏକର, କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ପ୍ରାୟ ୧ ଏକର, ବିନୋଦ ବେହେରାଙ୍କ ଅଧ ଏକରରୁ କମ୍, ନକୁଳ ପଲେଇଙ୍କ ପ୍ରାୟ ୧ ଏକର ଜମିର ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ହାତୀପଲ୍ଲରେ ୧୨ ରୁ ୧୫ ହାତୀ ଆସି ଜମିରେ ପଶି ଦଳାଚକଟା କରିବା ସହିତ ଧାନ ଫସଲକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ତୁରନ୍ତ ସରକାରୀ ସହାୟତା ପ୍ରଦାନ କରା ନ ଗଲେ ଋଣ କରି ଚାଷ କରିଥିବା ଚାଷୀମାନେ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି।

# କାରୁକାର୍ଯ୍ୟ କହେ କାରିଗରି କଥା

ଅଜୟ କୁମାର ମହାରଣା
ଖଣ୍ଡପଡା,୭।୧୦

କାରିଗରର ଯାଦୁକରୀ ସ୍ପର୍ଶରେ କାଠ, ମାଟି ଓ ପଥର ମଧ୍ୟ ଜୀବନ୍ତ ହୋଇଉଠେ। କେହି ଯେତେବେଳେ କାରୁକାର୍ଯ୍ୟର ପ୍ରଶଂସା କରନ୍ତି ସେତେବେଳେ କାରିଗରର ଶ୍ରମ ସାର୍ଥକ ହୋଇଥାଏ । ସେପରି ଜଣେ ଯୁବ କାରିଗର ହେଉଛନ୍ତି ସରୋଜ କୁମାର ନାୟକ । ଯାହାଙ୍କ ସ୍ପର୍ଶରେ ନିର୍ଜୀବ ପଦାର୍ଥ ବି କଥା କହେ।

ନୟାଗଡ ଜିଲା ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ପଞ୍ଚାୟତ ଫକୀର ଅତବୁଦ୍ଧି ପାଟଣା ଗ୍ରାମର ଶିଳ୍ପୀ କିଶୋରୀ ଚନ୍ଦ୍ର ନାୟକଙ୍କ ପୁଅ ହେଉଛନ୍ତି ସରୋଜ। ରାଜ୍ୟ ହସ୍ତ ଶିଳ୍ପ କାଠ ଖୋଦେଇ କାରିଗର ଭାବେ ପୁରସ୍କୃତ ହରିହର ନାୟକ ହେଉଛନ୍ତି ତାଙ୍କ ବଡବାପା। ଶିଳ୍ପୀ ପରିବାରରେ ତାଙ୍କ ଜନ୍ମ। ବାପା ମାଟିରେ ମୃଣ୍ମୟୀ ମୂର୍ତ୍ତି ତିଆରି କରୁଥିବା ଦେଖି ଏଥିପ୍ରତି ପିଲାବେଳୁ ଆକୃଷ୍ଟ ହୋଇଥିଲେ ସେ । ୨ୟ ଶ୍ରେଣୀରେ ଅଧ୍ୟୟନ କରୁଥିବାବେଳେ ଚିତ୍ର ଆଙ୍କିବାକୁ ଲାଗିଲେ । ତାହା ସାଙ୍ଗସାଥିଙ୍କ ଦ୍ୱାରା ଆଦୃତ ହେବାରୁ ସେଥିପ୍ରତି ତାଙ୍କର ଆଗ୍ରହ ବଢି ଚାଲିଲା। ତେବେ ବଡହେବା ପରେ ବଡବାପାଙ୍କ ପ୍ରେରଣାରେ କାଠ ଖୋଦେଇ କାର୍ଯ୍ୟ ଆରମ୍ଭ କରିଥିଲେ । କଳା ପ୍ରତି ତାଙ୍କର ଏହି ଆଗ୍ରହ ପରବର୍ତ୍ତୀ ସମୟରେ ନିଶାରେ ରୂପାନ୍ତରିତ ହୋଇଥିଲା । ବଡବାପା ପାଲଟିଗଲେ ପ୍ରେରଣାର ଉତ୍ସ, ମାର୍ଗ ଦର୍ଶକ ଏବଂ ଗୁରୁ । ସରୋଜ ମାଟ୍ରିକ ପରେ ଗତ ୨୦୦୮ ମସିହାରେ ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ରାଜ୍ୟ କଳା ହସ୍ତଶିଳ୍ପ ତାଲିମ ପ୍ରତିଷ୍ଠାନରେ ୩ ବର୍ଷ ପଥର କାର୍ଯ୍ୟରେ ପ୍ରଶିକ୍ଷଣ ନେଇଥିଲେ । ପ୍ରଶିକ୍ଷଣ ସମ୍ପନ୍ନ ପରେ ଘରକୁ ଫେରି ବଡବାପାଙ୍କ ପାଖରେ କାଠଖୋଦେଇ କାର୍ଯ୍ୟରେ ନିୟୋଜିତ ଥିଲେ । ଅଧିକ ଜ୍ଞାନ ଆହରଣ ପାଇଁ ସେ ପୁନର୍ବାର ୨୦୧୩ରେ ୩ବର୍ଷ ପାଇଁ ଭୁବନେଶ୍ୱର ସ୍ଥିତ ଅନୁଷ୍ଠାନରେ ପଟଚିତ୍ର ତାଲିମ ନେଇଥିଲେ। ତାଲିମ ସମାପ୍ତ ପରେ ନିଜ ଘରକୁ ଆସି ଶାଢୀ, ପୋଷାକ ଉପରେ ପଟଚିତ୍ର ଡ଼ିଜାଇନ କରି ଜିଲା ତଥା ଜିଲା ବାହାରେ ନିଜର ବେଶ୍ ପରିଚୟ ସୃଷ୍ଟି କରି ପାରିଛନ୍ତି। ସେହିପରି ମାଟି, ସାବୁନ, ପଥର ଓ କାଠରେ ସେ ମଧ୍ୟ ଭଲ ମୂର୍ତ୍ତି ଗଢିବାର ଦକ୍ଷତା ହାସଲ କରିଛନ୍ତି। ସମ୍ପୃକ୍ତ କାରିଗରଙ୍କ ଦକ୍ଷତା ଏବଂ ତାଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ କୌଣସି ବ୍ୟବସାୟିକ କିମ୍ବା ସରକାରୀ ଅନୁଷ୍ଠାନର ନଜରକୁ ଆସି ନଥିବା ବେଳେ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ତାଙ୍କ ସଫଳତା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହି ସୁଯୋଗରେ ତାଙ୍କଦ୍ୱାରା ପ୍ରସ୍ତୁତ ପଟଚିତ୍ରଗୁଡିକୁ ଭୁବନେଶ୍ୱରର କିଛି ବ୍ୟକ୍ତି କ୍ରୟ କରି ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନକୁ ବିକ୍ରୀ କରି ଫାଇଦା ହାସଲ କରୁଥିବା ଜଣାପଡିଛି । ବାହାର ଦୁନିଆ ସହିତ ସେତେଟା ସମ୍ପର୍କ ନ ଥିବାରୁ ବଣ ମଲ୍ଲୀ ପରି ତାଙ୍କର ଦକ୍ଷତା ଗାଁ ମଧ୍ୟରେ ସୀମିତ ରହି ଯାଉଛି। ତେବେ ସରକାରୀ ସ୍ତରରେ ସରୋଜଙ୍କୁ ପ୍ରୋତ୍ସାହିତ କରାଗଲେ ସେ ଅଧିକ ଉପକୃତ ହୋଇ ପାରନ୍ତେ ବୋଲି କହିଛନ୍ତି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲେ ମଧ୍ୟ ଯାହା କିଛି ରୋଜଗାର କରୁଛନ୍ତି ସେଥିରେ ପରିବାର ପ୍ରତିପୋଷଣ କରିପାରୁଛନ୍ତି । ୨୬ ବର୍ଷିୟ ଯୁବକ ସରୋଜ ଜାତିରେ କୈବର୍ତ୍ତ ହୋଇଥିଲେ ହେଁ ସେ କୌଳିକ ବୃତ୍ତିରୁ ଓହରି ପିଲାଟି ବେଳୁ ବିଭିନ୍ନ ହସ୍ତଶିଳ୍ପ କାର୍ଯ୍ୟରେ ମନୋନିବେଶ କରିଥିବା ତାଙ୍କ ବାପା କିଶୋରୀ ଚନ୍ଦ୍ର ନାୟକ କୁହନ୍ତି। ସରୋଜ ବିଶେଷ କରି କାଠ ଓ ପଥର ଖୋଦେଇ କାର୍ଯ୍ୟ ଅପେକ୍ଷା ପଟ୍ଟଚିତ୍ର ଉପରେ ଅଧିକ ଗୁରୁତ୍ୱ ଦେଇ ଆସିଛନ୍ତି । ଭୁବନେଶ୍ୱର ଗଣ୍ଡମୁଣ୍ଡା ସ୍ଥିତ ଏକ ଘରୋଇ ସଂସ୍ଥାରେ ପଟ୍ଟଚିତ୍ର କାର୍ଯ୍ୟର ପ୍ରଶିକ୍ଷଣ ନେଇଥିବା ତଥା ବିଭିନ୍ନ କାରୁକାର୍ଯ୍ୟ ତଥା କାଠ ଓ ପଥର ଖୋଦେଇ କାର୍ଯ୍ୟରେ ସଫଳତା ପାଇଥିବା ସରୋଜଙ୍କୁ ଗତ ୨୦୧୫ ଏପ୍ରିଲ ୧୪ ତାରିଖରେ କଟକ ଶହୀଦ ଭବନଠାରେ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ମୂର୍ତ୍ତି ନିର୍ମାଣ ଶିଳ୍ପୀ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ୨୦୧୫ ଅକ୍ଟୋବର୧୧ ତାରିଖରେ ଜଗନ୍ନାଥ ଧାମ ପୁରୀଠାରେ ଅଷ୍ଟଭୂଜା ସାହିତ୍ୟ ଅନୁଷ୍ଠାନ(ଆଶା) ବଲାଙ୍ଗୀର ପକ୍ଷରୁ ଆୟୋଜିତ ଏକ ପ୍ରତିଭା ସମ୍ମାନ ଉତ୍ସବରେ ସରୋଜଙ୍କୁ ପଥର ଓ କାଠ ଖୋଦେଇ ଶିଳ୍ପୀ ଭାବରେ ସମ୍ବର୍ଦ୍ଧିତ କରା ଯାଇଥିଲା । ସଂପୃକ୍ତ କାରିଗର ଜଣକ କାଠର ଖୋଦେଇ କବାଟ, ସୌଖିନ ଟେବୁଲ ଚେୟାର, ବିଭିନ୍ନ ବରାଦି ମୂର୍ତ୍ତି ତିଆରିରେ ବ୍ୟସ୍ତ ରୁହନ୍ତି । ତେବେ ଆହୁରି ଅଧିକ ବାଟ ଚାଲିବାକୁ ଅଛି ବୋଲି ତଥା ଚଳନକ୍ଷମ ଥିବା ପର୍ଯ୍ୟନ୍ତ ସେ ତାଙ୍କର କାର୍ଯ୍ୟ ଜାରି ରଖିବେ ବୋଲି କୁହନ୍ତି ସରୋଜ।





ସରୋଜଙ୍କ ଦ୍ୱାରା କାଠ ଓ ସାବୁନରେ ତିଆରି ହୋଇଥିବା ମୂର୍ତ୍ତି।



ପଟ୍ଟଚିତ୍ର ଆଙ୍କିବାରେ ବ୍ୟସ୍ତ ସରୋଜ।

# ନବନିର୍ମାଣ କୃଷକ ସଙ୍ଗଠନ ବୈଠକ: ୨୯ରୁ ପଦଯାତ୍ରା

ନୟାଗଡ଼ ଅଫିସ,୭।୧୦

ନବନିର୍ମାଣ କୃଷକ ସଙ୍ଗଠନର ଜିଲାସ୍ତରୀୟ ବୈଠକ ରବିବାର ସହରସ୍ଥିତ ଗୁଣ୍ଡିଚା ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସନ୍ତୋଷ ପ୍ରଧାନ ପ୍ରମୁଖ ଯୋଗଦେଇ କୃଷକ ସଙ୍ଗଠନର ୩ ପି (ପ୍ରାଇସ, ପ୍ରେଷ୍ଟିସ୍, ପେନସନ୍) ଦାବିରେ ଲଢ଼େଇ ଚାଲୁ ରଖିଥିବା ସୂଚନା ଦେଇଥିଲେ। ସଙ୍ଗଠନ ଆଗାମୀ ଅକ୍ଟୋବର ୨୯ ତାରିଖଠାରୁ ପଦଯାତ୍ରାରେ ବାହାରିବ। ଖୋର୍ଦ୍ଧା, ଗଜପତି, ଗଞ୍ଜାମ ଓ ନୟାଗଡ଼ର ଚାଷୀମାନେ ଏକତ୍ରିତ ହୋଇ ୭ଦିନ ମଧ୍ୟରେ ଅର୍ଥାତ୍ ନଭେମ୍ବର ୫ତାରିଖ ପର୍ଯ୍ୟନ୍ତ ପଦଯାତ୍ରା କରି ଭୁବନେଶ୍ୱରରେ ପହଞ୍ଚିବେ। ଭୁବନେଶ୍ୱରରେ ୭ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ସମାବେଶ ହେବ ବୋଲି ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀପ୍ରସାଦ ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନ, ଜିଲା ସଂଯୋଜକ ବାସୁଦେବ ସାହୁ, ସଂଯୋଜିକା ମମତା ନାଥ, ଜିଲା ସହ ସଂଯୋଜକ ମହେଶ୍ୱର ଜେନା, ବ୍ଲକ ସଂଯୋଜକ ରଣଜିତ୍ ଦଳବେହେରା, ଲଳିତ ମୋହନ ରାଉତରାୟ ପ୍ରମୁଖ କୃଷକ ନେତା ଉପସ୍ଥିତ ଥିଲେ। ଗ୍ରାମର ଚାଷୀମାନେ ଏହି ପଦଯାତ୍ରାରେ ସାମିଲ ହେବାକୁ କର୍ମକର୍ତ୍ତାମାନେ ଆହ୍ୱାନ ଦେଇଥିଲେ।



ବୈଠକରେ ଯୋଗଦେଇଥିବା ଚାଷୀ ନେତା ଓ କୃଷକମାନେ।

### ବ୍ରେନ ମ୍ୟାଲେରିଆରେ ଯୁବକ ମୃତ

ଖୋର୍ଦ୍ଧା ଅଫିସ,୭।୧୦

ପୁରୀ ଜିଲା ଡେଲାଙ୍ଗ ଥାନା ବଡବେରେଇ ପାଟଣା ଗାଁର ସୁବାସ ଭୋଇ (୨୧) ବ୍ରେନ ମ୍ୟାଲେରିଆରେ ଶନିବାର ମୃତ୍ୟୁ ଘଟିଛି। ସୁବାସ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଜଟଣୀ ଷଣ୍ଢପୁର ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ହେଲେ ଅବସ୍ଥାରେ ଉନ୍ନତି ନ ଆସିବାରୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଡାକ୍ତର ସୁବାସଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ରେଳ ଧାରଣା କଡ଼ରୁ ଉଦ୍ଧାର ଯୁବକଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୭।୧୦:** ରବିବାର ପୂର୍ବାହ୍ନରେ ଖୋର୍ଦ୍ଧା ରୋଡ ରେଳ ଡିଭିଜନର ଭୂଷଣ୍ଡପୁର ନିକଟରେ ଜଣେ ଅଚିହ୍ନା ଯୁବକଙ୍କୁ ଗୁରୁତର ଅବସ୍ଥାରେ ରେଳ ଧାରଣା କଡରୁ ଉଦ୍ଧାର କରାଯାଇ ଥିଲା। ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଉକ୍ତ ଯୁବକଙ୍କୁ ମୃତ ଘୋଷଣା କରିଥିଲେ।

# ବିଜୁ ଯୁବବାହିନୀର ପ୍ରଚାର କଲେ ଶିକ୍ଷକ

ନୟାଗଡ଼ ଅଫିସ,୭।୧୦

ବିଜୁ ଯୁବବାହିନୀର ପ୍ରଚାର କରୁଛନ୍ତି ଶିକ୍ଷକ। ଏଭଳି ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ଭାପୁର ବ୍ଲକ ଚକ୍ରଧରପ୍ରସାଦ ପଞ୍ଚାୟତରେ। ଏ ନେଇ ଏକ ଫଟୋ ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେଉଛି। ଭାଇରାଲ ହୋଇଥିବା ଫଟୋରେ ଲେଖାଯାଇଛି ଚକ୍ରଧରପ୍ରସାଦ ହାଇସ୍କୁଲରେ ଇଂରାଜୀ ଶିକ୍ଷାଦାନ କରୁଥିବା ଶିକ୍ଷକ ପଞ୍ଚାନନ ମହାପାତ୍ର ବିଜୁ ଯୁବ ବାହିନୀ ସଭାରେ ଯୋଗଦେଇ ଯୁବକମାନଙ୍କୁ ନିର୍ବାଚନ ରଣକୌଶଳ ଶିଖାଉଛନ୍ତି। ସେହିଭଳି ଶିକ୍ଷକ ଜଣଙ୍କ ପୂର୍ବରୁ ନିମାଣି ପ୍ରାଥମିକ ସ୍କୁଲରେ ଥିବାବେଳେ କିଛିମାସ ହେଲା ଡେପୁଟେସନ୍‌ରେ ଆସି ଚକ୍ରଧରପ୍ରସାଦ ହାଇସ୍କୁଲରେ ପାଠ ପଢ଼ାଉଛନ୍ତି। ଜଣେ ଶିକ୍ଷକ ବିଜୁ ଯୁବବାହିନୀରେ ଯୋଗଦେଇ ଏକ ରାଜନୈତିକ ଦଳ ସପକ୍ଷରେ ପ୍ରଚାର କରିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଉଛି। ଏ ନେଇ ଶିକ୍ଷକ ପଞ୍ଚାନନ ମହାପାତ୍ରଙ୍କୁ ପଚାରିବାରୁ ସେ କହନ୍ତି, ସ୍ୱଚ୍ଛ ଭାରତ ଅଭିଯାନରେ ସ୍ୱଚ୍ଛତା ପକ୍ଷ ପାଳନ ହେଉଥିବାରୁ ସେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପିଲାମାନଙ୍କୁ ସ୍ୱଚ୍ଛତା ବିଷୟରେ ବୁଝାଉଥିଲେ, କୌଣସି ରାଜନୈତିକ ଦଳ ବିଷୟରେ ବୁଝାଉ ନ ଥିବା କହିଥିଲେ। ତାଙ୍କ ସ୍ତ୍ରୀ ସରପଞ୍ଚ ଥିବାରୁ ଏହିଭଳି ମିଥ୍ୟା ପ୍ରଚାର କରାଯାଉଛି। ଯଦି କୌଣସି ସ୍କୁଲରେ ପାଠ ପଢ଼ାଉ ନ ଥାଏ ତେବେ ତାହାର ତଦନ୍ତ କରାଯାଉ ବୋଲି ମହାପାତ୍ର ପ୍ରକାଶ କରିଥିଲେ।





ବିଜୁ ଯୁବବାହିନୀରେ ଯୋଗଦେଇ ଶିକ୍ଷକ ନିଜର ବକ୍ତବ୍ୟ ରଖୁଛନ୍ତି।

### ଡଙ୍ଗା ବୁଡି ଘଟଣାକୁ ୧୧୩ ଦିନ ବିତିଲା

# ଚିଲିକାରେ ଚଳାଚଳ କରିବ ଡଙ୍ଗା

ଖୋର୍ଦ୍ଧା ଅଫିସ,୭।୧୦

ଚିଲିକାରେ ଡଙ୍ଗାବୁଡି ଘଟଣାକୁ ୧୧୩ ଦିନ ବିତିଯାଇଛି। ଏ ଯାବତ ଘରୋଇ ଡଙ୍ଗା ଚଳାଚଳ କରିପାରିନାହିଁ। ଏଭଳିସ୍ଥଳେ ବହୁ ବିଳମ୍ବରେ ପ୍ରଥମ ପର୍ଯ୍ୟାୟରେ ୪୭ ଘରୋଇ ଡଙ୍ଗା ଲାଇସେନ୍ସ ପାଇଛି। ଲାଇସେନ୍ସ ପାଇଥିବା ଡଙ୍ଗା ଜିଲାପାଳଙ୍କ ସ୍ୱୀକୃତି ପାଇବା ପରେ ଚିଲିକାରେ ଚଳାଚଳ କରିବ। ତେବେ ଡଙ୍ଗା ଚଳାଚଳ ପାଇଁ ଫିଟନେସ୍ ସାର୍ଟିଫିକେଟ ଦେବାରେ ଜିଲା ପ୍ରଶାସନ ସମୟ ଗଡାଇ ଚାଲିଥିବାରୁ ରବିବାର ଚିଲିକାରେ ଆଇନ ଅମାନ୍ୟ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଥିଲା। ରବିବାର ଆନ୍ଦୋଳନ ଆରମ୍ଭ ହେବା ପୂର୍ବରୁ ଜିଲା ପ୍ରଶାସନଠାରୁ ପ୍ରତିଶ୍ରୁତି ପାଇ ଆନ୍ଦୋଳନ ବନ୍ଦ ହୋଇଯାଇଛି। ଏ ନେଇ ମା' କାଳିଜାଇ ମୋଟର ବୋଟ ମାଲିକ ସଂଘ ବଡକୂଳ ଓ ମା' କାଳିଜାଈ ମୋଟର ବୋଟ କର୍ମଚାରୀ ସଂଘ ଅଶ୍ୱାରୀପାଟଣାର ଉପଦେଷ୍ଟା ବସନ୍ତ ନାୟକ କୁହନ୍ତି, ଜିଲା ଇମରଜେନ୍ସି ଅଫିସର ଆସି ୧୦ ତାରିଖରୁ ଡଙ୍ଗା ଚଳାଚଳ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ବନ୍ଦ ରହିଛି। ଅପରପକ୍ଷେ ବଡକୂଳ ମା' କାଳିଜାଇ ମୋଟର ବୋଟ ମାଲିକ ସଂଘର ୩୩ ଓ ବାଲୁଗାଁ କାଳିଜାଇ ମୋଟର ବୋଟ ମାଲିକ ସଂଘ ୪୭ଟା ଡଙ୍ଗା ପ୍ରାଥମିକ ପର୍ଯ୍ୟାୟରେ ଚିଲିକାରେ ଚଳାଚଳ କରିବ ବୋଲି ଜଣାପଡିଛି। ଇମରଜେନ୍ସି ଅଫିସର ସନ୍ଧ୍ୟାରାଣୀ ଗୁରୁ କୁହନ୍ତି, ୪୭ଟି ଡଙ୍ଗା ଲାଇସେନ୍ସ ପାଇଛି। ଚିଲିକାରେ ଚଳାଚଳ କରିବାକୁ ଜିଲାପାଳଙ୍କ ଅନୁମତି ମିଳିନାହିଁ। ତେବେ ଲାଇସେନ୍ସ ପାଇଥିବା ଡଙ୍ଗା ଚିଲିକାରେ ଚଳାଚଳ ପାଇଁ ରବିବାର ଜିଲାପାଳଙ୍କ ପାଖକୁ ଫାଇଲ ଯାଇଛି। ସ୍ୱୀକୃତି ମିଳିବା ପରେ ଡଙ୍ଗା ଖୁବ୍‌ଶୀଘ୍ର ଚାଲୁ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।



ଚିଲିକା କୂଳରେ ଲାଗିଥିବା ଡଙ୍ଗା।

### ବର୍ଦ୍ଧିତ ଭଡାକୁ ନେଇ ଅସନ୍ତୋଷ

ଡଙ୍ଗାରେ ବାଲୁଗାଁ ଓ ଚନ୍ଦ୍ରାପୁଟଠାରୁ କାଳିଜାଇ ଦେଖିବାକୁ ଗଲେ ପୂର୍ବରୁ ଘରୋଇ ଡଙ୍ଗା ଜଣ ପିଛା ଭଡା ୭୦ ଟଙ୍କା ନେଉଥଲେ। ଓଟିଡିସି ଓ ଅନ୍ତର୍ଜାତୀୟ ଜଳ ପରିବହନ ବିଭାଗ ବିଭାଗ ୫୦ ଟଙ୍କା ନେଉଥିଲେ। ଏବେ ଅନ୍ତର୍ଜାତୀୟ ଜଳ ପରିବହନ ବିଭାଗ ଓ ଓଟିଡିସି ପକ୍ଷରୁ ୧୦୫ ଟଙ୍କା ଜଣପିଛା ଯାତ୍ରୀ ଭଡା ନିଆଯାଉଛି। ବର୍ତ୍ତମାନ ସ୍ଥିତିରେ ଯାତ୍ରୀଭଡା ବଢ଼ାଇବା ପାଇଁ ଘରୋଇ ଡଙ୍ଗା ମାଲିକ ଆଗ୍ରହୀ ନୁହନ୍ତି। ତେବେ ଅନ୍ତର୍ଜାତୀୟ ଜଳ ପରିବବହନ ବିଭାଗ ଓ ଓଟିଡିସି ପକ୍ଷରୁ ବର୍ଦ୍ଧିତ ଯାତ୍ରୀଭଡାକୁ ଘରୋଇ ଡଙ୍ଗା ମାଲିକମାନେ ବିରୋଧ କରୁଛନ୍ତି। ପର୍ଯ୍ୟଟକ ବି ବିରୋଧ କଲେଣି।

### ଲଗାମ ଲାଗୁଛି ନାଁ ପୁଣି ଢ଼ିଲା

ଡଙ୍ଗାବୁଡି ୬ଜଣଙ୍କ ମୃତ୍ୟୁ ପରେ ସରକାରଙ୍କ ପକ୍ଷରୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଏବଂ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ କିଛି ନିର୍ଦ୍ଦେଶନାମା ଲାଗୁ କରିଛନ୍ତି । ଚିଲିକା ଭିତରକୁ ବୁଲିଯିବାକୁ ହେଲେ ଲାଇଫ ଜ୍ୟାକେଟ୍ ପିନ୍ଧିବାକୁ ବାଧ୍ୟତାମୂଳକ। ପ୍ରତି ଡଙ୍ଗାରେ ଅଗ୍ନି ପ୍ରଶମନ ଯନ୍ତ୍ର ଓ ଲାଇଫ ବୟ ରହିବ। ଲାଇସେନ୍ସପ୍ରାପ୍ତ ଚାଳକ କେବଳ ଡଙ୍ଗା ଚଳାଇ ପାରିବେ। ପ୍ରତ୍ୟେକ ଡଙ୍ଗାରେ ରହିବ ଡଷ୍ଟବିନ୍। ପାଣି ଓ ଛାଇର ବ୍ୟବସ୍ଥା ରଖିବାକୁ ପଡିବ। ଡଙ୍ଗାଗୁଡିକ ସରକାରୀ ନୀତିନିୟମର ମାପରେ ହୋଇଛି କି ନାହିଁ ତା'ର ଅନୁଧ୍ୟାନ ହେବା ପରି ଅନୁରୂପ ନିର୍ଦ୍ଦେଶନାମା ରହିଛି। ଦେଖିବାକୁ ରହିଲା ଏହା କେତେଦୂର କାର୍ଯ୍ୟକାରୀ ହେବ ।

### ଅଣପ୍ରଶିକ୍ଷକ ଚାଳକ ଚଳାଉଛନ୍ତି ଲଞ୍ଚ

ଆନ୍ତର୍ଜାତୀୟ ଜଳ ପରିବହନ ବିଭାଗ ଓ ଓଟିଡିସି ପକ୍ଷରୁ ଚିଲିକାରେ ଚାଲୁଥିବା ଅଧିକାଂଶ ଲଞ୍ଚକୁ ଅଣ ପ୍ରଶିକ୍ଷକ ଚାଳକ ଚଳାଉଥିବାର ଅଭିଯୋଗ ରହିଛି । ଏନେଇ ଉଭୟ ବିଭାଗକୁ ପର୍ଯ୍ୟଟକ ପଚାରିଲେ ଉତ୍ତର ମିଳୁଛି ଆର୍ଥିକ ସ୍ଥିତି ଖରାପ କାରଣରୁ ନିଯୁକ୍ତି ଦେବା ସମ୍ଭବ ହେଉନାହିଁ । ଯଦି କେତେବେଳ କିଛି ଅଘଟଣ ଘଟେ ସେଥିପାଇଁ ଦାୟି କିଏ ରହିବେ। ପ୍ରଶାସନ ପକ୍ଷରୁ ଘରୋଇ ଯାତ୍ରୀବାହୀ ଡଙ୍ଗା ଉପରେ ଯଦି କଟକଣା ଲାଗି ପାରୁଛି ସରକାରୀ ଲଞ୍ଚ ଉପରେ କଟକଣା ଲଗାଇବାରେ ପ୍ରତିବନ୍ଧକ ରହୁଛି କେଉଁଠି । ଅଣ ପ୍ରଶିକ୍ଷକ ଲଞ୍ଚ ଚଳିବାକୁ ଅନୁମତି କିଏ ଦେଉଛି ତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଉଚିତ।

### ଅନୁମତି ନ ଥାଇ ଚାଲୁଛି ଡଙ୍ଗା

ପ୍ରଥମ ପର୍ଯ୍ୟାୟରେ ୪୭ଟି ଡଙ୍ଗା ଅନୁମତି ପାଇବା ପରେ ଖୁସିର ଲହରି ସୃଷ୍ଟି ହୋଇଛି। ତେବେ ଚିଲିକାରେ ଡଙ୍ଗା ଚଳାଚଳ ପାଇଁ ଜିଲାପାଳଙ୍କ ପରିମିଶନ ନ ଥିବାବେଳେ ଶୁକ୍ରବାର, ଶନିବାର, ରବିବାର ୫ରୁ ୧୦ ଭିତରେ ଡଙ୍ଗା ଚଳାଚଳ କରିଛି। ଅନୁମତି ନ ଥାଇ ଡଙ୍ଗା ଚଳାଚଳ ପରେ ଏହାର ଧରପଗଡ କରାଯାଇନାହିଁ।

**ପ୍ରଥମ ପର୍ଯ୍ୟାୟରେ ୪୭ ଘରୋଇ ଡଙ୍ଗା ପାଇଲେ ଲାଇସେନ୍ସ**

### ୨୨୧୫ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ

**ଟାଙ୍ଗୀ(ଖୋର୍ଦ୍ଧା),୭।୧୦(ଡି.ଏନ.ଏ.):** ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା-୨୦୧୮ ପ୍ରଥମ ପର୍ଯ୍ୟାୟରେ ଟାଙ୍ଗୀ ବ୍ଲକ୍‌ର ୨୨୧୫ ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି । ତେବେ ଅଧିକ ହିତାଧିକାରୀ ଏହି ଯୋଜନାରେ ସାମିଲ ହେବା ଉପରେ ଖୋର୍ଦ୍ଧା ବିଧାୟକ ଗୁରୁତ୍ୱ ଦେଇଥିଲେ। ରବିବାର ଅପରାହ୍ନରେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷ ବିଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବ୍ଲକ୍ ଉପାଧ୍ୟକ୍ଷା ତୃପ୍ତି ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟା ରୀଣ୍ଟା ମାନଧାତା, ସଭ୍ୟ ସ୍ୱଦେଶ ରାଉତରାୟ, ବିଧାୟକଙ୍କ ପ୍ରତିନିଧି ପବିତ୍ର ପାଇକରାୟ ଓ ବିଡିଓ ଭାସ୍କର ରଇତ ପ୍ରମୁଖ ଅତିଥି ରୂପେ ଯୋଗଦେଇ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘୋଷିତ ନୀତି ଅନୁସାରେ ଜଣେ ହେଲେ ଭୋକିଲା ରହିବେ ନାହିଁ ବୋଲି ବିଧାୟକ କହିଥିଲେ। ବ୍ଲକ୍‌ର ୨୬ଟି ପଞ୍ଚାୟତ ମଧ୍ୟରୁ ରତନପୁର, ସାନରାଉତପଡା ଓ ଡିଆ ପଞ୍ଚାୟତରେ କମ୍ ସଂଖ୍ୟକ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଥିବା ହେତୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ । ବ୍ଲକ୍‌ରେ ଆଉ ୪ ହଜାର ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



ମୁଁ ଧୀରେ ଧୀରେ ଚାଲେ, କିନ୍ତୁ ମୋର ଗତି କେବେହେଲେ ପଛ ଆଡ଼କୁ ନୁହେଁ।
- ଆବ୍ରାହମ ଲିଙ୍କନ



## ସଂକ୍ଷେପରେ

### ମନ୍ଦିର ପୂଜକଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

**ଦଶପଲ୍ଲା,୭।୧୦(ଡି.ଏନ.ଏ.):** ଦଶପଲ୍ଲା ବ୍ଲକର ସୀମାନ୍ତ ଅଞ୍ଚଳ ବୌଦ୍ଧ ଜିଲା ବଦଲାଠାରେ ଥିବା ଏକ ମନ୍ଦିରରେ ପୂଜକ ରୂପେ କାର୍ଯ୍ୟ କରୁଥିବା ଦିଗମ୍ବର ରଣା (୫୮)ଙ୍କ ରବିବାର ମୃତ୍ୟୁ ଘଟିଛି। ତାଙ୍କ ଘର ଦଶପଲ୍ଲା ବ୍ଲକର ପୁରୁଣା ଦଶପଲ୍ଲା ଗ୍ରାମରେ। ପ୍ରକାଶ ଯେ, ଦିଗମ୍ବର ବଦଲା ଅଞ୍ଚଳର ଏକ ଶିବ ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ କରୁଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସବୁଦିନ ଭଳି ପୂର୍ବାହ୍ନରେ ସେ ମନ୍ଦିରରେ ପୂଜା କାର୍ଯ୍ୟ ସାରିଥିଲେ। ମାତ୍ର କିଛି ସମୟ ପରେ ମନ୍ଦିର ପରିସରରେ ଥିବା ବୃଷଭଙ୍କ ନିକଟରେ ସେ ପଡିରହିଥିବା ଦେଖାଯାଇଥିଲା। ମନ୍ଦିରକୁ ଯାଇଥିବା କିଛି ଲୋକ ଏହା ଦେଖି ତାଙ୍କୁ ଚିକିତ୍ସା ନିମନ୍ତେ ଦଶପଲ୍ଲା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁର ଠିକ୍ କାରଣ ଜଣାପଡି ନାହିଁ। ଦଶପଲ୍ଲା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୮) ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ଜଙ୍ଗଲ ସୁରକ୍ଷା ମହାସଂଘର କର୍ମକର୍ତ୍ତା ନିର୍ବାଚନ

**ନୟାଗଡ଼ ଅଫିସ,୭।୧୦:** ନୟାଗଡ଼ ଜଙ୍ଗଲ ସୁରକ୍ଷା ମହାସଂଘର ସାଧାରଣ ସଭା ରବିବାର ଓଡ଼ଗାଁ ବ୍ଲକ ମଗରବନ୍ଧଠାରେ ଅନୁଷ୍ଠିତ ହୋଇଯାଇଛି। ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରତିନିଧିମାନେ ନିଜ ଗ୍ରାମ ଓ ଅଞ୍ଚଳର ଜଙ୍ଗଲ ସୁରକ୍ଷା ସାଙ୍ଗକୁ ଜଙ୍ଗଲ ଅଧିକାରକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ମହାସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ନୟାଗଡ଼ର ଶରତ ଚନ୍ଦ୍ର ନାୟକ, ଉପସଭାପତି ଗଣିଆର ରଞ୍ଜୁବାଳା ପଣ୍ଡା, ସମ୍ପାଦକ ଓଡ଼ଗାଁର ନିତ୍ୟାନନ୍ଦ ପ୍ରଧାନ, ସହସମ୍ପାଦିକା ହରିହରପୁରର ରେଣୁବାଳା ପ୍ରଧାନ, କୋଷାଧକ୍ଷ ଭାବେ ଦଶପଲ୍ଲାର କିଶୋର ଚନ୍ଦ୍ର ଦଳବେହେରା ନିର୍ବାଚିତ ହୋଇଥିଲେ। ଏହା ସହିତ ଓଡ଼ିଶା ଜଙ୍ଗଲ ମଞ୍ଚ ପ୍ରତିନିଧି ଭାବେ ଭିକ୍ଷାକାରୀ ଲେଙ୍କା, ପ୍ରସନ୍ନ କୁମାର ପଣ୍ଡା, ଅନ୍ତର୍ଯାମୀ ମିଶ୍ର, ପ୍ରାଣକୃଷ୍ଣ ସାହୁ ନିର୍ବାଚିତ ହୋଇଥିଲେ। ଲକ୍ଷ୍ମୀକାନ୍ତ ପଟ୍ଟନାୟକ ନିର୍ବାଚନ ପରିଚାଳନା କରିଥିଲେ। ମହାସଂଘର ସଂଯୋଜକ ବିକ୍ରମ ନାୟକ ସଂଯୋଜନା କରିଥିଲେ। ଏଥିରେ ଜିଲାର ୭୫୦ ଗ୍ରାମରୁ ୮୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ।

### ଭାଜପାର ସାଙ୍ଗଠନିକ ବୈଠକ

ବୋଲଗଡ,୭।୧୦(ଡି.ଏନ.ଏ.)-ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ସ୍ଥିତ ଶୂନ୍ୟ ଆଶ୍ରମ ନିକଟରେ ଭାଜପା ପକ୍ଷରୁ ଏକ ରବିବାର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଭାଜପା ନେତା ପ୍ରକାଶ ଚନ୍ଦ୍ର ବିଜୁଳିଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ୨୬ ନଂ ଜୋନ ଅଞ୍ଚଳରୁ ଦଳୀୟ କର୍ମୀ ଓ ନେତାମାନେ ଯୋଗଦେଇଥିଲେ । ସାଧାରଣ ନିର୍ବାଚନ ପାଇଁ କିପରି ଭାଜପା ଦଳର ସଂଗଠନକୁ ମଜଭୁତ କରିହେବ ସେ ବିଷୟରେ ଏହି ବେଠକରେ ଆଲୋଚନା ହୋଇଛି । ଆଗାମୀ ସପ୍ତାହ ମଧ୍ୟରେ ଏହି ଯୋନ ପାଇଁ ଦଳ ପକ୍ଷରୁ ଏକ ସାଧାରଣ ସଭା କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ସାଧାରଣସଭାରେ ବହୁ ସଂଖ୍ୟାରେ ଦଳୀୟ କର୍ମକର୍ତ୍ତା ଯୋଗଦେଇ ସଭାକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଦଳୀୟ କର୍ମୀ ଅଶୋକ କୁମାର ରାଉତ, ସିଲୁ ବଳିୟାରସିଂହ, ବିଶ୍ୱ ନାଥ ରଣସିଂହ, ଭାସ୍କର ରାଉତରାୟ, ମାଧବ ଚନ୍ଦ୍ର ଦାଶ, ପୂର୍ଣ୍ଣଚନ୍ଦ୍ର ମାନସିଂହ ଉପସ୍ଥିତ ଥିଲେ ।

# ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଫଳ ପ୍ରକାଶିତ

- ୧୩୫୮ ଛାତ୍ରୀଛାତ୍ର ପାଇଲେ ଗ୍ରେଡ଼ ଏ
- ୧୦୯୫ ଗ୍ରେଡ଼ ବି, ଗ୍ରେଡ଼ ସିରେ ୪୩୩୪ କୃତକାର୍ଯ୍ୟ
- ୨୬ ଜିଲାର ୨୬୨ କେନ୍ଦ୍ରରେ ହୋଇଥିଲା ପରୀକ୍ଷା

**ନୟାଗଡ଼ ଅଫିସ,୭।୧୦**

ଚାରଣ ଗୋଷ୍ଠୀ ପୁରୀ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶ୍ରୀ ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ୨୦୧୮ର ଫଳ ରବିବାର ପ୍ରକାଶିତ ହୋଇଛି। ନୟାଗଡ଼ ସହରସ୍ଥିତ ରୋଟାରୀ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରାଯାଇଛି। ପଶ୍ଚିମବଙ୍ଗ ଓ ଓଡ଼ିଶା ଦୁଇଟି ରାଜ୍ୟରେ ଏହି ପରୀକ୍ଷା ହୋଇଥିଲା। ଓଡ଼ିଶାର ୨୬ ଜିଲାରେ ୨୬୨ କେନ୍ଦ୍ରରେ ଏହି ପରୀକ୍ଷା କରାଯାଇଥିଲା। ୨୮୨ ବିଦ୍ୟାଳୟ ଓ ମହାବିଦ୍ୟାଳୟର ତୃତୀୟ ଶ୍ରେଣୀଠାରୁ ଯୁକ୍ତ ୩ ପର୍ଯ୍ୟନ୍ତ ୧୦୭୨୩ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୮୩୪୩ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୨୩୮୦ ଜଣଙ୍କ ପରୀକ୍ଷାଫଳ ସ୍ଥଗିତ ରଖାଯାଇଛି। କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୩୫୮ ଜଣ ଗ୍ରେଡ଼ ଏ, ୧୦୯୫ ଗ୍ରେଡ଼ ବି, ୪୩୩୪ ଗ୍ରେଡ଼ ସି ଓ ୧୫୫୬ ଜଣ ଗ୍ରେଡ଼ ଡିରେ କୃତକାର୍ଯ୍ୟ ହୋଇଛନ୍ତି। ଚାରଣଗୋଷ୍ଠୀର ଦଳପତି ପ୍ରାଧ୍ୟାପକ ଡା. ଗୋପାଳ ଚନ୍ଦ୍ର ରଥ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଥିଲେ। ଏହାସହ ଜଣେ ବ୍ୟକ୍ତିର ଶାରୀରିକ, ମାନସିକ, ସାମାଜିକ, ନୈତିକ ଓ ଆଧ୍ୟାତ୍ମିକ ଉନ୍ନତି କେବଳ ଜଗନ୍ନାଥ ସଂସ୍କୃତି ଦ୍ୱାରା ହୋଇପାରିବ ବୋଲି କହିଥିଲେ। ଶ୍ରୀ ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷାର ମୁଖ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ବେହେରା ଯୋଗଦେଇ ବିଜ୍ଞାନ ଆଗେଇଛି, ନୈତିକତା ହ୍ରାସପାଉଛି। ପିଲାମାନଙ୍କୁ ନୈତିକତା ଶିକ୍ଷା ଓ ଓଡ଼ିଶାର ସଂସ୍କୃତି ବିଷୟରେ ଜ୍ଞାନ ଦିଆଯିବା ପାଇଁ ଏହି ପରୀକ୍ଷା ଆୟୋଜନ କରାଯାଉଥିବା ସେ ସୂଚନା ଦେଇଥିଲେ। ଖବରଦାତା ରାମକୃଷ୍ଣ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ପରୀକ୍ଷା ଦ୍ୱାରା ପିଲାଙ୍କ ଜ୍ଞାନ ବୃଦ୍ଧି କରୁଛି, ଯାହା ସୁସ୍ଥ ସମାଜ ଗଠନରେ ସହାୟକ ହେଉଥିବା କହିଥିଲେ। ପରୀକ୍ଷା ନିୟନ୍ତ୍ରକ ସୁରେଶ ଚନ୍ଦ୍ର ବରାଡ଼ ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରିଥିଲେ। ଶେଷରେ ଗଜେନ୍ଦ୍ର କୁମାର ମହାରଣା ଧନ୍ୟବାଦ ଦେଇଥିଲେ।




ଅତିଥିମାନେ ପରୀକ୍ଷାଫଳ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି।

# ନୟାଗଡ଼ରେ ଗାନ୍ଧୀ ଶାନ୍ତି ସଦ୍‌ଭାବନା ଜ୍ୟୋତି ରଥ

**ନୟାଗଡ଼ ଅଫିସ,୭।୧୦**

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଗାନ୍ଧୀ ଶାନ୍ତି ସଦ୍‌ଭାବନା ଜ୍ୟୋତି ରଥ ଶନିବାର ନୟାଗଡ଼ ସହରରେ ପହଞ୍ଚିଥିଲା। ଓଡ଼ିଶା ଗାନ୍ଧୀବାଦୀ ଫୋରମର ଅଧ୍ୟକ୍ଷା ଡ. ରୀନା ରାଉତରାୟଙ୍କ ନେତୃତ୍ୱରେ ଏହି ରଥ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ଜିଲା ପ୍ରଶାସନ ତରଫରୁ ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଡେପୁଟି କଲେକ୍ଟର ଅଶୋକ କୁମାର ପଟ୍ଟନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ, ଜିଲା କର୍ମନିଯୋଜନ ଅଧିକାରୀ ଦୁର୍ଗାଚରଣ ଦାସ ପ୍ରମୁଖ ଏହାକୁ ସ୍ୱାଗତ କରିଥିଲେ। ଅଧିକାରୀମାନେ ଶାନ୍ତି ସଦ୍‌ଭାବନା ଜ୍ୟୋତି ରଥରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ଆୟୋଜିତ ଏକ ବୈଠକରେ ଡ. ରୀନା ରାଉତରାୟ ଏହି ରଥ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଏହି ରଥ ଗାନ୍ଧୀଙ୍କର ଶାନ୍ତି ଓ ଅହିଂସାର ବାର୍ତ୍ତାକୁ ସମଗ୍ର ରାଜ୍ୟରେ ପହଞ୍ଚାଇବ। ପୁରୀରୁ ତେଲେଙ୍ଗାପେଣ୍ଠ ଦେଇ ନୟାଗଡ଼ରେ ଏହି ରଥ ପହଞ୍ଚିଛି । ପରେ ଏହା ଫୁଲବାଣୀ, ବୌଦ୍ଧ ଆଦି ଜିଲା ପରିକ୍ରମା କରିବ। ଏହି ଅବସରରେ ସହରସ୍ଥିତ ତ୍ରିନାଥଛକଠାରେ ଅବସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା ।




ଜ୍ୟୋତି ରଥ କାର୍ଯ୍ୟକ୍ରମକୁ ଅଧିକାରୀମାନେ ସ୍ୱାଗତ କରୁଛନ୍ତି।

# ଭଏସ୍ ଅଫ ନୟାଗଡ଼ ଉଦ୍‌ଘାଟିତ




ପ୍ରତିଯୋଗୀଙ୍କ ସହିତ ବିଚାରକମଣ୍ଡଳୀ ଓ କର୍ମକର୍ତ୍ତାମାନେ।

**ନୟାଗଡ଼ ଅଫିସ,୭।୧୦**

## ୨୩ ପ୍ରତିଯୋଗୀ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ

ନୟାଗଡ଼ କ୍ଲବ ଆନୁକୂଲ୍ୟରେ ଜିଲାରେ ପ୍ରଥମ କରି ଆୟୋଜିତ ହୋଇଥିବା ସଙ୍ଗୀତଭିତ୍ତିକ ପ୍ରତିଯୋଗିତା ଭଏସ୍ ଅଫ ନୟାଗଡ଼ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସହରସ୍ଥିତ ପଠାଣିସାମନ୍ତ ଅଡ଼ିଟୋରିୟମଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୪ରୁ ୨୦ବର୍ଷର ୯୮ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଏଥିମଧ୍ୟରୁ ୨୩ ଜଣ ପ୍ରତିଯୋଗୀ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଉଦ୍‌ଘାଟନୀ ସମାରୋହରେ କଣ୍ଠଶିଳ୍ପୀ ତଥା ଓଡ଼ିଶା ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟାପକ ଗୁରୁ ନିମାକାନ୍ତ ରାଉତରାୟ, ଗାୟିକା ତଥା ସଙ୍ଗୀତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପିକା ରଞ୍ଜିତା ସେନାପତି, ରେଡ଼ିଓ ଦୂରଦର୍ଶନର କଣ୍ଠଶିଳ୍ପୀ ସଙ୍ଗୀତାଞ୍ଜଳି ନନ୍ଦ, କଣ୍ଠଶିଳ୍ପୀ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାରପ୍ରାପ୍ତ କଳାକାର ନବକିଶୋର ମିଶ୍ର ପ୍ରମୁଖ ଅତିଥି ତଥା ବିଚାରକ ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ସାହିତ୍ୟିକ ଡ. ବିଜୟ ଚୌଧୁରୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପ୍ରାକ୍ତନ ସଚିବ ଚିତ୍ତରଞ୍ଜନ ମଲ୍ଲିଆ ଉପସ୍ଥିତ ଥିଲେ। ନୟାଗଡ଼ କ୍ଲବର ଆବାହକ ଧୀରେନ୍ଦ୍ର ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ ଅକ୍ଟୋବର ୨୮ ତାରିଖ ପର୍ଯ୍ୟନ୍ତ ପ୍ରତି ବ୍ଲକରେ ଏହି କାର୍ଯ୍ୟକ୍ରମ କରାଯାଇ ପ୍ରତିଭା ଚୟନ କରାଯିବ ବୋଲି ସୂଚନା ଦେଇଥିଲେ। କ୍ଲବର ସଦସ୍ୟ ସଞ୍ଜୟ କୁମାର ସ୍ୱାଇଁ, ଲକ୍ଷ୍ମୀନାରାୟଣ ରଥ, ପ୍ରବୀର ପୃଷ୍ଟି, ପ୍ରସନ୍ନ ବସନ୍ତିଆ, ହିମାଂଶୁ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସତ୍ୟମ୍ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ପକ୍ଷରୁ ହେ ମୋବାଇଲ୍ ପ୍ରଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ସାହିତ୍ୟିକ ଶରତଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ ନେଇ ତେଜୁଛି ଅସନ୍ତୋଷ

**ନୟାଗଡ଼ ଅଫିସ,୭।୧୦**

ନୟାଗଡ଼ ଜିଲାରେ କିଛିଦିନ ହେଲା ହେଉଥିବା ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ ତେଜିବାରେ ଲାଗୁଛି। ପ୍ରାୟ ୪ଦିନ ହେଲା ନୟାଗଡ଼ ସହରରେ ସନ୍ଧ୍ୟା ଓ ସକାଳେ ଘନଘନ ବିଦ୍ୟୁତ୍ କାଟ ହେଉଛି। ଏହି ସମୟରେ ଜରୁରିକାଳୀନ ସେବା ପୂରା ଠପ୍ ହୋଇଯାଉଛି। ଶନିବାର ସକାଳ ୮ଟାରୁ ୧୧ଟା ଓ ସନ୍ଧ୍ୟାରେ ୬ଟାରୁ ୭ଟା ବିଦ୍ୟୁତ୍ କାଟ ହୋଇଥିଲା। ରବିବାର ସକାଳ ୧୦ଟାରୁ ୧୧ଟା, ମଧ୍ୟାହ୍ନ ୧୨ଟାରୁ ୨ଟା ଏବଂ ସନ୍ଧ୍ୟାରେ ମଧ୍ୟ ବାରମ୍ବାର ବିଦ୍ୟୁତ୍ କାଟ ହୋଇଥିଲା। ଗୁଳୁଗୁଳି ସାଙ୍ଗକୁ ଘନ ଘନ ବିଦ୍ୟୁତ୍ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଜିଲାର ୮ ବ୍ଲକରେ ମଧ୍ୟ ସମାନ ସମସ୍ୟା। ବ୍ଲକର ହେଡ଼କ୍ୱାର୍ଟରଠାରୁ ଆରମ୍ଭ କରି ଗାଁ ଗଣ୍ଡାରେ କେତେବେଳେ ଲାଇନ୍ ଯାଉଛି ଓ କେତେବେଳେ ଆସୁଛି ତାହା କହି ହେଉନାହିଁ। ସେହିଭଳି ରାତିରେ ଲାଇନ୍ କଟାଯିବା ସମସ୍ୟାକୁ ଦ୍ୱିଗୁଣିତ କରିଦେଉଛି। ବିଦ୍ୟୁତ୍ ବିଭାଗକୁ ଏ ନେଇ ଲୋକମାନେ ଫୋନ୍ କଲେ କୌଣସି ଉତ୍ତର ମିଳୁନାହିଁ। ପୁଣି କେତେବେଳେ ଯଦି କର୍ମଚାରୀମାନେ କଲ୍ ରିସିଭ କରୁଛନ୍ତି ତେବେ ମରାମତି କରାଯାଉଛି ବୋଲି କହୁଛନ୍ତି। ସ୍ଥାନୀୟ ବାସିନ୍ଦା ଶ୍ରୀକାନ୍ତ ଖଟେଇଙ୍କ କହିବାନୁସାରେ ସହରରେ ଲୋକମାନଙ୍କୁ ୬ଘଣ୍ଟା ବିଦ୍ୟୁତ୍ ସେବାରୁ ବଞ୍ଚିତ କରାଯିବା ଘଟଣା ବିଭାଗର ଅପାରଗତାକୁ ପଦାରେ ପକାଉଛି । ଏ ନେଇ ଫିଡ୍‌କୋ ଏସ୍‌ଡ଼ିଓ ରବୀନ୍ଦ୍ର କୁମାର ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରି ନ ଥିଲେ।

# ନୟାଗଡ଼ରେ ସରକାରୀ ଯୋଜନା ସଚେତନତା କର୍ମଶାଳା

**ନୟାଗଡ଼ ଅଫିସ,୭।୧୦**

ନୟାଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭାଗୃହ ସୃଜନଠାରେ ଜିଲା ପ୍ରଶାସନ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ମିଳିତ ସହଯୋଗରେ ସରକାରୀ ଯୋଜନା ସଚେତନତା କାର୍ଯ୍ୟକ୍ରମ ଓ ଲୋକସେବା ଅଧିକାର ଅଧିନିୟମ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଡା. ଏନ୍. ତିରୁମାଲା ନାୟକ୍ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ସମ୍ପର୍କରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାସ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେବା ଯୋଗାଣ, ଅପିଲ, ପୁନଃନିରୀକ୍ଷଣ, ଆର୍ଥିକ ଦଣ୍ଡବିଧାନ, ନିୟମାବଳୀ ପ୍ରଣୟନର ଅଧିକାର ଆଦି ସମ୍ପର୍କରେ ବିଶଦ ଭାବେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ଚରଣ ପାତ୍ର, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ଆସିଥିବା ଅଧିକାରୀ ରାଜକିଶୋର ପଟ୍ଟନାୟକ ଓ ମଞ୍ଜୁଳା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଚଳିତ ସମସ୍ତ ଯୋଜନା ବିଷୟରେ ସାଧାରଣ ଜନତା ଠିକ୍ ଭାବେ ଅବଗତ ହୋଇ ସମସ୍ତ ସୁବିଧା ଯେପରି ପାଇପାରିବେ ସେ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଜିଲା ସଂଯୋଜକ ସନ୍ତୋଷ କୁମାର ଷଡ଼ଙ୍ଗୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲା ପରିଷଦ ସଭ୍ୟ, ତହସିଲଦାର, ମଣ୍ଡଳ ଉନ୍ନୟନ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।




କର୍ମଶାଳାରେ ଜିଲାପରିଷଦ ଅଧ୍ୟକ୍ଷା, ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

# ୧୫୩୫ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ

**ବୋଲଗଡ଼, ୭।୧୦(ଡି.ଏନ.ଏ.)**

ଓଡିଶା ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାଯାଇ ରାଶନ କାର୍ଡ ପ୍ରଦାନ କରାଯାଇଛି । ରବିବାର ବୋଲଗଡ଼ଠାରେ ୧୫୩୫ ଜଣ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ବ୍ଲକ୍ କାର୍ଯ୍ୟାଳୟରେ ଆୟୋଜିତ ଏକ ସଭାରେ ମୁଖ୍ୟଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ନୂତନ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରିଥିଲେ। ବୋଲଗଡ଼ ବିଡିଓ ମଧୁସୂଦନ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପୂର୍ବତନ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ ବାନାମ୍ବର ମାଝି, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ପଟ୍ଟନାୟକ, ସରପଞ୍ଚ ବବିତା ସାହୁ, ଅର୍ଜ୍ଜୁନ ବେହେରା, ସୁଭାଷ ଚନ୍ଦ୍ର ରାୟଗୁରୁ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ ଓ ବୀର କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।




ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଗାଡ଼ି ଚାଳକଙ୍କଠାରୁ ୫୭ ହଜାର ଜରିମାନା ଆଦାୟ

**ନୟାଗଡ଼ ଅଫିସ,୭।୧୦:** ନୟାଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଚଳିତ ସପ୍ତାହରେ ନୟାଗଡ଼ ବିଜିପୁର ଛକ ଓ ସଦର ଥାନା ଆଗରେ ଗାଡ଼ି ତନଖି କରାଯାଇ ୧୦୨ ଗାଡ଼ି ମାଲିକ ଓ ଚାଳକଙ୍କଠାରୁ ୫୭,୬୫୦ଟଙ୍କା ଜରିମାନା ଆଦାୟ କରାଯାଇଛି। ମଦ୍ୟପାନ କରି ଗାଡ଼ି ଚଳାଇବା ଅଭିଯୋଗରେ ୧୫ ଜଣଙ୍କଠାରୁ ୮ ହଜାର, ଦ୍ରୁତ ଗତିରେ ଗାଡ଼ି ଚଳାଇବା ଅଭିଯୋଗରେ ୧୭ ଜଣଙ୍କଠାରୁ ୮୪୦୦, ହେଲମେଟ ନ ପିନ୍ଧିବା ଯୋଗୁ ୫୫ ଜଣଙ୍କଠାରୁ ୫୫୦୦, ଓଭରଲୋଡ଼ କରିଥିବା ୩ ଜଣଙ୍କଠାରୁ ୩୪ ହଜାର ୫୫୦ ଟଙ୍କା ଓ ସିଟ୍ ବେଲ୍ଟ ନ ପିନ୍ଧିବା କାରଣରୁ ୧୨ ଜଣଙ୍କଠାରୁ ୧୨୦୦ ଟଙ୍କା ଆଦାୟ କରାଯାଇଛି। ଏହି ଚଢ଼ାଉରେ କନିଷ୍ଠ ମୋଟର ଯାନ ନିରୀକ୍ଷକ ଦୁର୍ଗାପ୍ରସାଦ ରାଓ, ଟ୍ରାଫିକ୍ ସବ୍‌ଇନ୍ସପେକ୍ଟର ସ୍ୱୟଂପ୍ରଭା ରାଉତ ଓ କନଷ୍ଟେବଳମାନେ ସାମିଲ ଥିଲେ।

# ୨ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଖଣ୍ଡପଡା,୭।୧୦(ସ୍ୱ.ପ୍ର)**

ବିଜେଡି ପକ୍ଷରୁ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ରୟତଡୋଲମରା ଓ କୁମ୍ଭାରପଡା ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖଣ୍ଡପଡାକୁ ରାଜ୍ୟର ଏକ ଆଦର୍ଶ ନିର୍ବାଚନମଣ୍ଡଳୀରେ ପରିଣତ କରିବା ପାଇଁ ସେ ସମସ୍ତ ଜନସାଧାରଣଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ଉକ୍ତ ୨ଟି ପଞ୍ଚାୟତରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ୫ଶହରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ, ସଂଗଠକ ଓ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ଯୋଗଦେଇଥିଲେ। ଦଳର କର୍ମକର୍ତ୍ତାମାନେ ହାତରେ ପ୍ଲାକାର୍ଡ ଧରି ୨ଟି ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡିକ ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରିଥିଲେ। ବିଭିନ୍ନ ଗ୍ରାମରେ ଆୟୋଜିତ ପଥପ୍ରାନ୍ତ ସଭାରେ ବିଧାୟକ ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶ ନିମନ୍ତେ ଯଥାସାଧ୍ୟ ଉଦ୍ୟମ ଜାରି ରହିଥିବା ବେଳେ ଗତ ୪ ବର୍ଷ ମଧ୍ୟରେ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ୪ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିନିଯୋଗ କରାଯାଇ ପାରିଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିଆରସିଂ, ପୂର୍ବତନ ସରପଞ୍ଚ ତଥା ରୟତଡୋଲମରା ପଞ୍ଚାୟତ ସଭାପତି ନାରାୟଣ ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ବେହେରା, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ପ୍ରଧାନ, ସୁରେଶ ସାହୁଙ୍କ ସମେତ ଦଳର ବହୁ ନେତା ପଦଯାତ୍ରାରେ ସାମିଲ ହୋଇଥିଲେ।



ବୈଠକରେ ବିଜେଡି କର୍ମକର୍ତ୍ତା ଓ କର୍ମୀମାନେ।

# ଅସୁରକ୍ଷିତ ଜାମୁପାଟଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ

**ଓଡ଼ଗାଁ,୭।୧୦(ସ୍ୱ.ପ୍ର.)**

## ସମ୍ମୁଖରେ ମୁଖ୍ୟ ରାସ୍ତା, ପଛରେ ପୋଖରୀ

ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ନିମନ୍ତେ ସରକାର ନାନା ଯୋଜନା ଓ ସଚେତନତା କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ବ୍ଲକ ତଥା ଜିଲାସ୍ତରୀୟ ଆଲୋଚନା ଚକ୍ର ଏବଂ ସ୍କୁଲଗୁଡିକରେ ସଚେତନତା ସଭା ଆୟୋଜନ କରାଯାଉଛି। ହେଲେ ଓଡ଼ଗାଁ ବ୍ଲକ ରବିଗାଡିଆ ପଞ୍ଚାୟତ ଜାମୁପାଟଣାରେ ଅବସ୍ଥିତ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ସହିତ ଅଙ୍ଗନୱାଡି କେନ୍ଦ୍ରରେ ପଢୁଥିବା ପିଲାମାନେ ଅତ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ ଅଧ୍ୟୟନ କରୁଥିବା ଜଣାଯାଇଛି। ଏହି ବିଦ୍ୟାଳୟରେ ସକାଳୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅଙ୍ଗନୱାଡି କେନ୍ଦ୍ର ଚାଲୁଥିବା ବେଳେ ତା’ ପରଠାରୁ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟ କରିଥାଏ। ଏଠାରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷାଦାନ କରାଯାଉଛି। ସରକାରଙ୍କ ନିୟମାନୁସାରେ ରାସ୍ତା ପାର୍ଶ୍ୱରେ ରହିଥିବା ବିଦ୍ୟାଳୟଗୁଡିକରେ ଅଗ୍ରାଧିକାର ଭିତ୍ତିରେ ପାଚେରି ନିର୍ମାଣ ନିମନ୍ତେ ପ୍ରାଥମିକତା ଦିଆଯାଇଥାଏ। ହେଲେ ଏହି ବିଦ୍ୟାଳୟ ସମ୍ମୁଖରେ ଓଡ଼ଗାଁ-ବାହାଡ଼ାଝୋଲା ପୂର୍ତ୍ତ ବିଭାଗୀୟ ରାସ୍ତା ଯାଇଥିବାବେଳେ ଶ୍ରେଣୀଗୃହ ପଛପାଖ କାନ୍ଥକୁ ଲାଗି ପୋଖରୀ ଥିବା ଓ ବାମ ପାର୍ଶ୍ୱରେ ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ଟାୱାର ରହିଛି। ଏଭଳି ସମ୍ବେଦନଶୀଳ ଓ ଅସୁରକ୍ଷିତ ସ୍ଥିତିରେ ବିଦ୍ୟାଳୟ ଅବସ୍ଥିତ ହୋଇଥିଲେ ସୁଦ୍ଧା ଶିକ୍ଷା ବିଭାଗୀୟ ଅଧିକାରୀଙ୍କ ନଜର ଆଢୁଆଳରେ ରହିବା ଅତ୍ୟନ୍ତ ଦୁଃଖଦାୟକ। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକଙ୍କ ମତାମତ ନେବାରୁ ସ୍କୁଲ ପାଚେରି ଓ ଶ୍ରେଣୀଗୃହ ଦାୟିତ୍ୱ ପଞ୍ଚାୟତିରାଜ ବିଭାଗକୁ ଚାଲିଯାଇଥିବା କହି ଦୀର୍ଘ ୧୦ରୁ ୧୨ବର୍ଷ ହେଲା ସର୍ବଶିକ୍ଷା ଅଭିଯାନ ଦ୍ୱାରା ପାଚେରି ନିର୍ମାଣ କରାଯାଇ ନ ଥିବା କାରଣକୁ ଏଡାଇ ଯାଇଥିଲେ। ଅନ୍ୟପକ୍ଷେ ବିଡିଓ ମନୋଜ କୁମାର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ପଲ୍ଲିସଭା ଓ ଗ୍ରାମସଭା ଦ୍ୱାରା ପଞ୍ଚାୟତ ଜରିଆରେ ପ୍ରସ୍ତାବ ଆସିଲେ ଅଗ୍ରାଧିକାର ଭିତ୍ତିରେ ସମ୍ପୃକ୍ତ ସ୍କୁଲର ସୁରକ୍ଷା ପ୍ରାଚୀର ନିର୍ମାଣ କରାଯାଇପାରିବ ବୋଲି କହିଥିଲେ। ରବିଗାଡିଆ ସରପଞ୍ଚ ଗୋକୁଳ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ ଏ ନେଇ ଖୁବ୍‌ଶୀଘ୍ର ଗ୍ରାମସଭା ମାଧ୍ୟମରେ ପାଚେରି ନ ଥିବା ସ୍କୁଲଗୁଡ଼ିକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅନୁଦାନ ଦ୍ୱାରା ପାଚେରି ନିର୍ମାଣ କରିବାକୁ ପ୍ରାଥମିକତା ରଖିଥିବା ସୂଚନା ଦେଇଥିଲେ।



ଜାମୁପାଟଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ।

## ସଂକ୍ଷେପରେ

### ମଦ ଜବତ, ଦୁଇ ଗିରଫ

**ଗୋପାଳପୁର,୭।୧୦:** ଗୋପାଳପୁର ଅଞ୍ଚଳ ଓ ଆଖପାଖ ଗ୍ରାମଗୁଡ଼ିକରେ ଚୋରା ମଦ କାରବାର ବୃଦ୍ଧି ପାଉଥିବା ବେଳେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉନଥିବା ଅଭିଯୋଗ ହୋଇଛି। ରବିବାର ଅବକାରୀ ବିଭାଗର ମୋବାଇଲ ସ୍କ୍ୱାଡ ଓ ଗୋପାଳପୁର ଅବକାରୀ କର୍ମଚାରୀ ମିଳିତ ଭାବେ ଦୁଇଟି ସ୍ଥାନରେ ଚଢ଼ାଉ କରି ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଦ୍ୱୟ ହେଲେ କୈବଲ୍ୟ ସାହୁ ଓ ରବି କୁମାର ପଣ୍ଡା (୩୮)। ପୂର୍ବାହ୍ନରେ ଗୋପାଳପୁର ଥାନା ଗୋଳାବନ୍ଧ ଗ୍ରାମରେ ଦେଶୀ ମଦ ବିକ୍ରି କରୁଥିବା ବେଳେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୬୦ଟି ମଦ ପ୍ୟାକେଟ ଜବତ କରି କୈବଲ୍ୟଙ୍କୁ ଗିରଫ କରାଯାଇଥିଲା। ଏନେଇ ଅବକାରୀ ବିଭାଗ ନଂ.୧୪/୧୮-୧୯ରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସେହିପରି ମଧ୍ୟାହ୍ନରେ ପଥରା ଛକ ଢ଼ାବା ନିକଟରେ ରବି କୁମାରଙ୍କ ଠାରୁ ୫ ଲିଟର ବିଦେଶୀ ମଦ ଜବତ କରି ନଂ ୧୭/୧୮-୧୯ରେ ମାମଲା ରୁଜୁ ହୋଇଛି।

### ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ



**ବେଗୁନିଆପଡ଼ା,୭।୧୦(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକର ମର୍ଦ୍ଦମେଖ ଓ ଚିଙ୍ଗୁଡ଼ିଖୋଲ କ୍ଲଷ୍ଟରର ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମର୍ଦ୍ଦମେଖ କ୍ଲଷ୍ଟରର ସୁରଭି କାର୍ଯ୍ୟକ୍ରମ ମର୍ଦ୍ଦମେଖଠାରେ ଅନୁଷ୍ଠିତ ମହୋତ୍ସବକୁ ସ୍ଥାନୀୟ ସରପଞ୍ଚ ସାଗରିକା ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ କମଳାକାନ୍ତ ସାହୁ, ମୁଖ୍ୟବକ୍ତା ପୂର୍ବତନ ସିଆରସିସି ପଙ୍କଜ କୁମାର ବେହେରା, ସମ୍ମାନିତ ଅତିଥି ମର୍ଦ୍ଦମେଖ ସରପଞ୍ଚ ହୃଷୀକେଶ ମେହେଣା, ହରିହର ମର୍ଦ୍ଦରାଜ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦେବରାଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଚିଙ୍ଗୁଡ଼ିଖୋଲ କ୍ଲଷ୍ଟରରେ ମୁଖ୍ୟଅତିଥି ବିଜୟ କୁମାର ରାଉତ, ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଶତପଥୀ, ସଂସ୍କୃତ ଶିକ୍ଷକ ଉମେଶ ଚନ୍ଦ୍ର ଦାସ, ସରପଞ୍ଚ ପ୍ରତିନିଧି ଭାସ୍କର ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ




**ଚନ୍ଦ୍ରଗିରି,୭।୧୦(ଡି.ଏନ୍.ଏ.):** ମୋହନା ବ୍ଲକ ଚନ୍ଦ୍ରଗିରିସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍କୁଲ, କର୍ମକର୍ତ୍ତା ଓ ଛାତ୍ରୀଙ୍କୁ ନେଇ ଶନିବାର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ନାୟକଙ୍କ ସଭାପତିତ୍ୱରେ 'ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ'ର ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ଏସିଏଫ୍ ଶିବ ଶଙ୍କର ସାବତ ମୁଖ୍ୟ ଅତିଥି, ପ୍ରଭାକର ନାୟକ ସମ୍ମାନିତ ଅତିଥି, ପଞ୍ଚାନନ ସାହୁ (ପୁଡ଼ାମାରି ରେଞ୍ଜ ଅଫିସର), ରାଷ୍ଟ୍ରୀୟ ମାନବାଧିକାର ଓଡ଼ିଶା ଶାଖା ସାଧାରଣ ସମ୍ପାଦିକା ସବିତା ସାହୁକାର ଉପସ୍ଥିତ ଥିଲେ। ବନ୍ୟ ପ୍ରାଣୀ ସୁରକ୍ଷା ସହ ପଲିଥିନ ବର୍ଜନ ଭଳି ବିଭିନ୍ନ ବିଷୟରେ ଛାତ୍ରୀମାନଙ୍କୁ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।

### ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ସ୍ୱଚ୍ଛତାରୁ ଦିବ୍ୟତ୍ୱ କାର୍ଯ୍ୟକ୍ରମ

**କବିସୂର୍ଯ୍ୟନଗର,୭।୧୦:** କବିସୂର୍ଯ୍ୟନଗର ସତ୍ୟ ସାଇସେବା ସଙ୍ଗଠନ ପକ୍ଷରୁ ସ୍ୱଚ୍ଛତାରୁ ଦିବ୍ୟତ୍ୱ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ଲୋକନାଥ ମନ୍ଦିର ପରିସର ସଫେଇ କାର୍ଯ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଚଳିତ ମାସ ୨ରୁ ୨୦ ପର୍ଯ୍ୟନ୍ତ ଚାଲିବ । ବିଭିନ୍ନ ଦେବାଳୟ, ବିଦ୍ୟାଳୟ ପରିସର ସଫା କରିବା ପାଇଁ ସଂଗଠନ ସ୍ଥିର କରିଛି । କାର୍ଯ୍ୟକ୍ରମରେ ସାଧୁଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ଆଶୀଷ କୁମାର କର, ତାରିଣୀ ଚରଣ ପାଢ଼ି, ଜଗତବଲ୍ଲଭ ମହାନ୍ତି, ଭୀମରାଜୁ ପାତ୍ର, ସ୍ନେହଲତା, ସୁଲଚନା, ଦମୟନ୍ତୀ, ବୈଜୟନ୍ତୀ ପ୍ରମୁଖ ସହଯୋଗ କରିଥିଲେ ।

## ନଳକୂପ ଚାନ୍ଦିନି ନିର୍ମାଣରେ ଦୁର୍ନୀତି ଘଟଣା

# ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନି

**କୁକୁଡ଼ାଖଣ୍ଡି,୭।୧୦(ଡି.ଏନ.ଏ.)**

କୁକୁଡ଼ାଖଣ୍ଡି ବ୍ଲକ ଜଗଦଳପୁର ପଞ୍ଚାୟତରେ ମିଥ୍ୟା ବିଲ କରି ଟଙ୍କା ଉଠାଣ ଅଭିଯୋଗ ହୋଇଥିଲା। ଅଭିଯୋଗ ହେବାର ୧୫ ଦିନ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ପ୍ରକାଶ ଯେ, ଜଗଦଳପୁର ପଞ୍ଚାୟତର ୧୩ନଂ ୱାର୍ଡ ବାସିନ୍ଦା ଚାନ୍ଦା ଆଦାୟ କରି ସେହି ୱାର୍ଡରେ ଏକ ନଳକୂପ ଚାନ୍ଦିନି ୨୦୧୭ ଡିସେମ୍ବରରେ ତିଆରି କରିଥିଲେ। ପରେ ଏନେଇ ଜଣେ ବ୍ୟକ୍ତିଙ୍କ ନାମରେ କାର୍ଯ୍ୟାଦେଶ ସହ ବିଲ୍ ଉଠାଣ ହୋଇଥିଲା। ଏହା ଜାଣିବା ପରେ ୧୩ନଂ. ୱାର୍ଡ ବାସିନ୍ଦା ମିଳିମିଶି ମିଥ୍ୟା ବିଲ କରି ଟଙ୍କା ଆତ୍ମସାତ କରିଥିବା ନେଇ କୁକୁଡ଼ାଖଣ୍ଡି ବିଡିଓ, ଗଞ୍ଜାମ ଜିଲାପାଳ, ଉପଜିଲାପାଳ ଓ ଭିଜିଲାନ୍ସ ଆରକ୍ଷୀ ଅଧିକ୍ଷକଙ୍କୁ ଡ଼ାକ ଯୋଗେ ଅଭିଯୋଗପତ୍ର ପଠାଇଥିଲେ। ୧୩ ନଂ ୱାର୍ଡ ବାସିନ୍ଦା ଯୋଗାଯୋଗରେ କହିଛନ୍ତି, ଅଭିଯୋଗପତ୍ର ପଠାଇଲା ପରେ ଆମେ ସମସ୍ତେ ବ୍ରହ୍ମପୁର ଭିଜିଲାନ୍ସ ଅଫିସରେ ଦ୍ୱାରସ୍ଥ ହୋଇଥିଲୁ। ଚାନ୍ଦିନି ତିଆରି କରିବା ପାଇଁ ଆବଶ୍ୟକ ହୋଇଥିବା କଞ୍ଚାମାଲର ରସିଦ ଓ ଯେଉଁ ମିସ୍ତ୍ରୀ ଏହି ଚାନ୍ଦିନି ତିଆରି କରି ନେଇଥିବା ପାରିଶ୍ରମିକର ହାତଲେଖା ଭିଜିଲାନ୍ସ ଅଫିସରେ ପୈଠ କଲା ପରେ ପଦକ୍ଷେପ ନିଆଯିବ ବୋଲି ଭିଜିଲାନ୍ସ ଅଫିସରୁ ସୂଚନା ମିଳିଥିବା କହିଛନ୍ତି।

## ସରକାରୀ ଯୋଜନାରୁ ବଞ୍ଚିତ ଇନ୍ଦୁମତୀ


ଘର ସମ୍ମୁଖରେ ଇନ୍ଦୁମତୀ।

**ଫିରଙ୍ଗିଆ, ୭।୧୦**

ସରକାର ଗରୀବ ଲୋକଙ୍କ ପାଇଁ ବହୁ ଯୋଜନା କରୁଛନ୍ତି। ହେଲେ ପ୍ରକୃତ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଥିବା ଦେଖାଯାଉଛି। ଜଣେ ଅସହାୟ ବୃଦ୍ଧଙ୍କୁ ଆଜି ପର୍ଯ୍ୟନ୍ତ ଭତ୍ତା କି ରାଶନ କାର୍ଡ ମିଳି ନ ଥିବା ବେଳେ ଘର ଖଣ୍ଡେ ବି ଯୋଗାଇ ଦିଆଯାଇନାହିଁ। ଏଭଳି ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ବନ୍ଧଗଡ ପଞ୍ଚାୟତରେ।

ବନ୍ଧଗଡ଼ ପଞ୍ଚାୟତ ମଣିପଦର ଗ୍ରାମରେ ଇନ୍ଦୁମତୀ ଦିଗାଲଙ୍କ ଘର। ବୟସ ୭୩ ଛୁଇଁଲାଣି। ପୁଅ, ବୋହୂ ଅଲଗା ରହୁଛନ୍ତି। ପରିଣତ ବୟସରେ ସେ ମୂଲ ଲାଗି ଚଳୁଛନ୍ତି। ଅନ୍ୟ ସୁବିଧା ଛାଡ, ରାଶନ କାର୍ଡ ଖଣ୍ଡିଏ ମିଳିନି ତାଙ୍କୁ। ଇନ୍ଦୁମତୀ କୁହନ୍ତି, ଆଉ କାମ କରିପାରୁନି। ଅନ୍ୟପଟେ କାମ ନ କଲେ ଉପାସରେ ରହିବାକୁ ପଡୁଛି। ଭଙ୍ଗା ଚାଳିଆରେ ପଡିଛି। ଚାଉଳ ମୁଠାଏ ମୁଁ ପାଉନାହିଁ। କାହାକୁ କହିବି, କିଏ ମୋ ଦୁଃଖ ବୁଝିବ ବୋଲି କହିଛନ୍ତି। ଏ ନେଇ ସରପଞ୍ଚ ଦମୟନ୍ତୀ କହଁରଙ୍କୁ ପଚାରିବାରୁ ସେ କହିଛନ୍ତି, ଆମକୁ ଏ ବିଷୟରେ ସେ ବି କେବେ କିଛି କହି ନାହାନ୍ତି। ଇନ୍ଦୁମତୀଙ୍କୁ ସମସ୍ତ ସୁବିଧା ଯୋଗାଇ ପାଇଁ ନିଶ୍ଚିତ ଦୃଷ୍ଟି ଦେବି। ଅନ୍ୟପକ୍ଷରେ ବିଡିଓ ପ୍ରବୀଣ କୁମାର ବାଣୁଆ କହିଛନ୍ତି, ମୁଁ ଘଟଣା ବିଷୟରେ ଅବଗତ ନାହିଁ। ଅଭିଯୋଗ ଆସିଲେ ତଦନ୍ତ କରି ନିୟମ ଅନୁସାରେ ଯାହା ପଦକ୍ଷେପ ନିଆଯିବ।

## ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ

# ରାଶନ କାର୍ଡ ବଣ୍ଟନ କଲେ ଯୋଗାଣ ମନ୍ତ୍ରୀ

**ଦିଗପହଣ୍ଡି,୭।୧୦(ଡି.ଏନ.ଏ.)**


ସଭାରେ ମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

ଦିଗପହଣ୍ଡି ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଶନିବାର ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏଥିରେ ମନ୍ତ୍ରୀ ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ପଞ୍ଚାୟତ ବ୍ୟତୀତ ୨୪ଟି ପଞ୍ଚାୟତର ସମୁଦାୟ ୩ ହଜାର ୨୨୦ ଏବଂ ଏନ୍‌ଏସି ଅଧୀନ ୧୧ ୱାର୍ଡର ୨୧୮ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିବା ସହ ବିଭିନ୍ନ ଗ୍ରାମର ୨ ଶହ ହିତାଧିକାରୀଙ୍କୁ ଶ୍ରମିକ ଚିହ୍ନଟ ପରିଚୟ ପତ୍ର ବଣ୍ଟନ କରିଥିଲେ। ତ୍ରୁଟିଜନିତ କାରଣରୁ ଯେଉଁ ହିତାଧିକାରୀମାନେ ଏହି ଯୋଜନାରୁ ବାଦ ପଡ଼ିଛନ୍ତି ସେମାନଙ୍କୁ ପର୍ଯ୍ୟାୟକ୍ରମେ ଏଥିରେ ସାମିଲ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଏବେ ଏହି ନୂତନ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩ ହଜାର ୪୩୮ ପରିବାର ସାମିଲ ହେବା ଫଳରେ ଦିଗପହଣ୍ଡି ହିତାଧିକାରୀଙ୍କ ସଂଖ୍ୟା ପ୍ରାୟ ୧ ଲକ୍ଷ ୩୦ ହଜାର ହେବ ବୋଲି ଆକଳନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବ୍ଲକ ସରପଞ୍ଚ ସଂଘ ସଭାପତି ହରିବନ୍ଧୁ ରେଡ୍ଡୀ, ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧି, ଏନ୍‌ଏସି ଅଧ୍ୟକ୍ଷା ସୁନୀତା ସେଠୀ, ଉପାଧ୍ୟକ୍ଷ ପ୍ରଦୀପ୍ତ ପଟ୍ଟନାୟକ, ନିରଞ୍ଜନ ରେଡ୍ଡୀ ପ୍ରମୁଖ ବହୁ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

## ରାଜ୍ୟ ସରକାର ତୈଳ ଉପରୁ ଭାଟ କମାନ୍ତୁ: ଭାଜପା

**ଚିକିଟି,୭।୧୦(ଡି.ଏନ.ଏ.)**

କେନ୍ଦ୍ର ସରକାର ତେଲ ଦର ଲିଟର ପିଛା ଟ.୨.୫୦ପ କମାଇ ଦେଇଥିବା ବେଳେ ରାଜ୍ୟ ସରକାର ତେଲ ଉପରୁ ଭାଟ କମାଇବାକୁ ନେଇ ଚିକିଟି ଭାଜପା ପକ୍ଷରୁ ଦାବି ହେଉଛି । ଶନିବାର ଅପରାହ୍ନରେ ଚିକିଟି ବ୍ଲକ ସୁରଳଠାରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଚିକିଟି ନିର୍ବାଚନମଣ୍ଡଳୀ ଭାଜପାର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉଦୟ ନାଥ ପ୍ରଧାନ କହିଛନ୍ତି ଯେ, ରାଜ୍ୟ ସରକାର ତୈଳ ଉପରୁ ଭାଟ୍ କମାନ୍ତୁ । ଭାଟ୍ କମାଇବା ପାଇଁ ଭାଜପା ପକ୍ଷରୁ ବାରମ୍ବାର ଦାବିକରି ଆସୁଥିଲେ ସୁଦ୍ଧା ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଆଗାମୀ ଦିନରେ ତୈଳଦର ଉପରୁ ଭାଟ୍ ଯଦି ନକମାନ୍ତି ତାହାହେଲେ ଗାଁଗଣ୍ଡାରେ ଆନ୍ଦୋଳନ କରାଯିବ ବୋଲି ଭାଜପା ନେତା କହିଛନ୍ତି । ଭାଜପା ପକ୍ଷରୁ ଆୟୁଷ୍ମାନ ଭାରତ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ନେଇ ଭାଜପା ପକ୍ଷରୁ ଗାଁ ଗାଁ ବୁଲି ଜନସାଧାରଣଙ୍କୁ ସଚେତନତା କରାଯାଉଛି । ସେହିପରି ହରିଶ୍ଚନ୍ଦ୍ର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତାଘାଟ ନିର୍ମାଣରେ ହରିଲୁଟ୍ ଚାଲିଛି । କେନ୍ଦ୍ର ସରକାରଙ୍କ ଆସୁଥିବା ଅନୁଦାନଗୁଡିକୁ ରାଜ୍ୟ ସରକାର ସଦ୍‌ବିନିଯୋଗ ନକରି ହଡପ୍ କରିଚାଲିଛନ୍ତି ଏବଂ ପାନୀୟ ଜଳର ସମସ୍ୟା ମଧ୍ୟ ଦୂର ହୋଇପାରୁନଥିବା ନେଇ କହିଛନ୍ତି । ଏଥିରେ ସୁରଳ ମଣ୍ଡଳ ସଭାପତି ବାବାଜି ଓଡ଼ିଆ, ପିତାତଳି ମଣ୍ଡଳ ସଭାପତି ପି ରାମକ୍ରିଷ୍ଣା, ବିନୟ ବେହେରାଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ ।

## ୫ ପଞ୍ଚାୟତର ସମସ୍ୟା ବୁଝିଲେ ରମେଶ


କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

**ଧରାକୋଟ,୭।୧୦(ଡି.ଏନ୍.ଏ.)**

ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ ରମେଶ ଚନ୍ଦ୍ର ଜେନା ରବିବାର ଧରାକୋଟ ବ୍ଲକର ଜଗମୋହନ, ଝରପାରି, ଝାଡ଼ବନ୍ଧ, ସିଙ୍ଗପୁର ଓ ଜାହାଡା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗସ୍ତ କରିଛନ୍ତି। ଏହି ଅବସରରେ ପ୍ରଥମେ ନନ୍ଦିଗୋର ଗ୍ରାମରେ ସରପଞ୍ଚ ଶିବରାମ ବାଡ଼ତ୍ୟାଙ୍କ ନେତୃତ୍ୱରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ବାଡତ୍ୟା ସମାଜ କୋଠ ଘରଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ପଞ୍ଚାୟତର ସବୁ ସମସ୍ୟାକୁ ବିଧାୟକଙ୍କୁ ଜଣାଇଥିଲେ। ପରେ ଅନ୍ୟ ସବୁ ପଞ୍ଚାୟତରେ ପହଞ୍ଚି ଉନ୍ନୟନ କାର୍ଯ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା ଗମନାଗମନ, କୃଷି, ପିଇବା ପାଣି ଆଦି ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା କରିଥିଲେ ଏବଂ ରାହୁଲ ଗାନ୍ଧୀଙ୍କର ଶକ୍ତି ଆପ୍ ଯୋଜନାର ସଫଳତା ଲୋକେ କିପରି ପାଇବେ ସେ ନେଇ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସାକା ସୁଜିତ, ଜିଲା ଯୁବ କଂଗ୍ରେସ ସମ୍ପାଦକ ସୁନୀଲ କୁମାର ଚୌଧୁରୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ଓଡ଼ିଶା ମୋଟର ଚାଳକ ସଂଘର ବୈଠକ

**ପୋଲସରା,୭।୧୦(ଡି.ଏନ.ଏ.)**

ପୋଲସରା ସହରସ୍ଥିତ ବସ୍‌ଷ୍ଟାଣ୍ଡ ପରିସରରେ ଶୁକ୍ରବାର ଓଡ଼ିଶା ମୋଟର ଚାଳକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ପୋଲସରା ଶାଖାର ସଦସ୍ୟମାନଙ୍କୁ ନେଇ ରାଜ୍ୟ କର୍ମକର୍ତ୍ତାମାନେ ନଗର ପରିକ୍ରମା କରିବା ସହ ମୋଟର ଚାଳକ ମାନେ ଏକତା ରଖିବା ସହ ମୋଟର ଚାଳକଙ୍କ ସୁରକ୍ଷା, ଗାଡ଼ି ଚଳାଇବା ଆଦି ନିୟମ ଉପରେ କହିଥିଲେ। ବସଷ୍ଟାଣ୍ଡଠାରେ ଏକ ବୈଠକ ହୋଇ ପୋଲସରା ଶାଖାର ନୂତନ କର୍ମକର୍ତ୍ତା ସଦସ୍ୟମାନଙ୍କ ଉପସ୍ଥିତିରେ ଚୟନ କରାଯାଇଥିଲା। ବୈଠକରେ ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ ମୁଖ୍ୟଅତିଥି, ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲା ସମ୍ପାଦକ ସନ୍ତୋଷ କୁମାର ବେହେରା, ମୋତିରାମ ସାହୁ, କନ୍ଧମାଳ ଜିଲା ସଭାପତି ବାସବ କହଁର, ବ୍ରହ୍ମପୁର ଶାଖା ସଭାପତି ରାଜେନ୍ଦ୍ର କୁମାର ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବ୍ରହ୍ମପୁର, ପୁରୁଷୋତ୍ତମପୁର, ଦିଗପହଣ୍ଡି, ଗଞ୍ଜାମ, ସୋରଡ଼ା, ଭଞ୍ଜନଗର, କବିସୂର୍ଯ୍ୟନଗର ଆଦି ଅଞ୍ଚଳର ସଭାପତି ସହ କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଗୋଲୋକ ବିହାରୀ ସ୍ୱାଇଁ ସଂଘର ପୋଲସରା ଶାଖାର ସଭାପତି ଭାବେ ଚୟନ ହୋଇଥିଲେ। ଉପସଭାପତି ଭାବେ ଅଭିମନ୍ୟୁ ଦଳାଇ, ସମ୍ପାଦକ ଦୁର୍ଗାପ୍ରସାଦ ସାମଲ, କୋଷାଧ୍ୟକ୍ଷ ଭାବେ ଚିରଞ୍ଜୀବୀ ବେହେରାଙ୍କୁ ଚୟନ କରାଯାଇଥିଲା। ସଂଘ ପକ୍ଷରୁ ମଞ୍ଚାସୀନ ଅତିଥିଙ୍କୁ ଉପଢ଼ୌକନ ପ୍ରଦାନ ସହ ସମ୍ମାନିତ କରାଯାଇଥିବା ବେଳେ ନୂତନ ଚୟନ ହୋଇଥିବା ପୋଲସରା ଶାଖାର କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।

# ଓଡ଼ିଶା ରାଇଜ ଛାଡ଼

**ଡ. ସୁରେନ୍ଦ୍ର କୁମାର ମିଶ୍ର**




ପୂର୍ବ ସଂଖ୍ୟାରେ ବକ୍ସି ଜଗବନ୍ଧୁଙ୍କ ସମ୍ବନ୍ଧରେ ସରକାରୀ ନଥିପତ୍ରରେ ରହିଥିବା କେତେକ ରହସ୍ୟକୁ ଆମେ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁଙ୍କଦ୍ୱାରା ଲୋକାର୍ପିତ 'ଜୟୀ ରାଜଗୁରୁ ଆଣ୍ଡ ଆଣ୍ଟି କଲୋନିଆଲ ରେଜିଷ୍ଟାନ୍ସ ଇନ୍ ଖୁର୍ଦ୍ଧା' ପୁସ୍ତକ ସହାୟତାରେ ଲେଖିଥିଲୁ। କଥା ସରିନି। ସବୁ ରହସ୍ୟ ଆସିନି। ଆମେ କେବଳ ଉଡ଼ାଣିଆ କଥା କହୁଥିବା ବ୍ୟକ୍ତିବିଶେଷଙ୍କ ଜାଣିବା ପାଇଁ ଦୁଇ/ତିନୋଟି ଉଦାହରଣ ଦେଲୁ। ପୂର୍ବରୁ ସୂଚନା ଦେଇଥିଲୁ ଇଂରେଜ ସରକାରଙ୍କୁ ଗଜପତି ଲେଖିଥିବା ଚିଠିରେ ଦୁଇଟି ପ୍ରସଙ୍ଗ ଲକ୍ଷ୍ୟ କରିବା କଥା। ଗୋଟିଏ କଥା ଆମେ ଜାଣିଲେ ୧୮୦୪ ଯୁଦ୍ଧରେ ବକ୍ସି ଜଗବନ୍ଧୁଙ୍କର ବିଶେଷକ ଭୂମିକା ନଥିଲା। ଏହା ମଧ୍ୟ ମଧୁସୂଦନ ବିପ୍ରଙ୍କ ଲିଖିତ 'ଫିରିଙ୍ଗି କଳି ଭାରତ' ପୁସ୍ତକରୁ ଆମେ ଜାଣିଥିଲେ। କାଳେ ତାଳପତ୍ର ପୋଥିରୁ ଉତାରିବା ବେଳେ ଜଗବନ୍ଧୁଙ୍କ କଥା ଛାଡ଼ି ଯାଇଥିବେ ଭାବି ଫକୀର ହରିଚନ୍ଦନ ଯେଉଁ ଅନୁସନ୍ଧାନ କରିଥିଲେ ତାହା ପୂର୍ବ ଆଲୋଚନାରେ ଆମେ ସୂଚନା ଦେଇଥିଲୁ। ସେଇ ଚିଠିର ଦ୍ୱିତୀୟ ପ୍ରସଙ୍ଗଟି– ଗଜପତିଙ୍କ ଚିଠିର ବିଷୟବସ୍ତୁ ଓ ଗଜପତିଙ୍କ ତତ୍କାଳୀନ ଆଭିମୁଖ୍ୟ।

ଚିଠିରୁ ଜଣାପଡୁଛି ଦୁଇରୁ ତିନି ହଜାର ପାଇକଙ୍କୁ ସାଙ୍ଗରେ ନେଇ ଜଗବନ୍ଧୁ ପୁରୀରେ ଗଜପତିଙ୍କୁ ଭେଟିଥିଲେ। ମହାରାଣୀଙ୍କ ସହିତ ଗଜପତି ନିଜେ ଖୋର୍ଦ୍ଧା ଦୁର୍ଗରେ ପଦାର୍ପଣ କରନ୍ତୁ ବୋଲି ସେ ନିବେଦନ କରିଥିଲେ। ଗଜପତି ରୋକଠୋକ ମନା କରି ଦେଇଥିଲେ, କିନ୍ତୁ ଇଂରେଜ ସରକାରଙ୍କୁ ସୁରକ୍ଷା ଦେବା ପାଇଁ ଚିଠି ଲେଖିବା ପରେ ଗଜପତିଙ୍କୁ ଓଲଟା ଫଳ ମିଳିଲା। ଇଂରେଜ ସରକାର ସୁରକ୍ଷା ଦେବା ଆଳରେ କଟକ ନେଇ ବନ୍ଦୀ କରିଥିଲେ। ବକ୍ସି ଯେଉଁ ପାଇକ ବୀରମାନଙ୍କୁ ସାଙ୍ଗରେ ଧରି ଗଜପତିଙ୍କ ପାଖକୁ ଆସିଥିଲେ ସେମାନେ ସ୍ୱତଃ ବିପ୍ଳବ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇସାରିଥିଲେ। ୧୮୧୭ରେ ରାତାରାତି ତାଙ୍କୁ ପ୍ରସ୍ତୁତ କରାଯାଇ ନଥିଲା। ଏହି ପ୍ରସ୍ତୁତି ବହୁ ପୂର୍ବରୁ, ଅର୍ଥାତ୍ ରାଜଗୁରୁ ୧୮୦୬ ମସିହାରେ ଫାଶୀ ପାଇବା ପରଠାରୁ ଏହି ପ୍ରସ୍ତୁତି ସେମାନେ ଆରମ୍ଭ କରିଥିଲେ। ଏହା ହେଉଛି ପାଇକ ବିଦ୍ରୋହ ଉପରେ ୧୮୦୪ ମସିହା ଯୁଦ୍ଧର ପଞ୍ଚମ ପ୍ରଭାବ।

୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ହୋଇଥିବା ଯୁଦ୍ଧବେଳେ ଗଜପତି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପୃକ୍ତ ଥିଲେ। ଜୟୀ ରାଜଗୁରୁଙ୍କ ବିଚାର ବେଳର ବିଡ଼ମ୍ବନା ବିଷୟରେ ସେ ଅବଗତ ଥିଲେ। ନିର୍ମମ ଭାବରେ ବରଗଛରେ ବୀରପୁରୁଷଙ୍କୁ ବଧ କରିବାର ଘନଘଟାକୁ ସେ ଅନୁଭବ କରିଥିଲେ, ତଥାପି କାହିଁକି ୧୮୧୭ ମସିହା ପାଇକ ବିଦ୍ରୋହରୁ ଦୂରେଇ ରହିଲେ ? ବିଦ୍ରୋହର ଅନ୍ତଃସ୍ୱର ତାଙ୍କୁ ଅଛପା ନଥିଲା। ନିର୍ଣ୍ଣାୟକ ଯୁଦ୍ଧବେଳେ ଉଦାସୀନ ବ୍ୟକ୍ତିତ୍ୱ ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର। ସେଥିପାଇଁ ଇତିହାସକାର ଧ୍ରୁବଚରଣ ଜୟସିଂହ ପାଇକରାୟ 'ଉନବିଂଶ ଶତାବ୍ଦୀର ବିସ୍ମୃତ ଅମର ଶହୀଦ ଜୟୀ ରାଜଗୁରୁ' ଶୀର୍ଷକ ପ୍ରବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ 'ଉପ-ଶୀର୍ଷକ' ରଖିଛନ୍ତି। ତାହା ହେଲା– ଖୋର୍ଦ୍ଧା ପାଇକ ବିଦ୍ରୋହର ପଥପ୍ରଦର୍ଶକ ଓ ଖୋର୍ଦ୍ଧା ରାଜବିଦ୍ରୋହର ସୂତ୍ରଧର ଜୟୀ ରାଜଗୁରୁ। ସେଇ ଉପ-ଶୀର୍ଷକରେ ପ୍ରଥମରୁ ସେ ଜୀ.ଟୟନବୀଙ୍କର 'ଏ.ସ୍କେଚ୍ ଅଫ ଦି ହିଷ୍ଟ୍ରୀ ଅଫ ଓରିସା' (୧୮୦୩-୧୮୨୩) ରେ ଲିଖିତ ମତକୁ ଉଦ୍ଧାର କରିଛନ୍ତି। ସେ ମତଟି ହେଉଛି– ପାଇକ ବିଦ୍ରୋହର ପଥପ୍ରଦର୍ଶକ ଜୟୀ ରାଜଗୁରୁ ବକ୍ସିଙ୍କ ବହୁ ପୂର୍ବରୁ ଓଡ଼ିଶାର ସାମନ୍ତ ରାଜାମାନଙ୍କୁ ଯୁଦ୍ଧ କରିବା ନିମନ୍ତେ ଏବଂ ଇଂରେଜମାନଙ୍କୁ ଓଡ଼ିଶା ରାଇଜରୁ ବିତାଡ଼ିତ କରିବା ପାଇଁ ସଙ୍ଗଠିତ କରି ଖୋର୍ଦ୍ଧା ପାଇକମାନଙ୍କୁ ପ୍ରୋତ୍ସାହିତ କରିଥିଲେ, ତେଣୁ ପାଇକ ବିଦ୍ରୋହ ବାସ୍ତବରେ ୧୮୦୪ ମସିହାରୁ ଆରମ୍ଭ ହୋଇଥିଲା ବୋଲି ଗ୍ରହଣ କରିବାରେ ଐତିହାସିକ ବିଭ୍ରାନ୍ତି ହେବ ନାହିଁ। ଏହା ହେଉଛି ପାଇକ ବିଦ୍ରୋହ ଉପରେ ୧୮୦୪ ମସିହା ଯୁଦ୍ଧର ଷଷ୍ଠ ପ୍ରଭାବ।


କିଲ୍ଲା ବୟାଳିଶବାଟିରେ ପୋଖରୀର ରୂପ ନେଇଥିବା ପଥରବୁହା ନଦୀ।



ଗଡ଼ରୂପାସର ମା' କନକଦୁର୍ଗା ଓ ତାଙ୍କ ମନ୍ଦିର।

ସପ୍ତମ ପ୍ରଭାବ ବିଚାର କରିବା ପୂର୍ବରୁ ଆମକୁ ସଚେତନ ହେବାକୁ ପଡ଼ିବ ଯେ ୧୮୦୪ ମସିହା ଯୁଦ୍ଧ ମୁଦ୍ରାର ଗୋଟିଏ ପାର୍ଶ୍ୱ ହେଲେ ୧୮୧୭ ପରର ସମସ୍ତ ବିଦ୍ରୋହ ଓ ଯୁଦ୍ଧ ମୁଦ୍ରାର ଅନ୍ୟ ପାର୍ଶ୍ୱ। ଓଡ଼ିଶାରେ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ ଗତି କରି ଚାଲିଥିଲା। ସେତିକି ନିଷ୍ଠା, ତ୍ୟାଗ ଓ ଦେଶାତ୍ମବୋଧ ନ ଥିଲେ ଯୁଦ୍ଧର ଭିତ୍ତିଭୂମି ସୁଦୃଢ ହୋଇ ନଥାନ୍ତା। ତିଳେମାତ୍ର ସ୍ୱାର୍ଥ ଉଙ୍କି ମାରିଥିଲେ ନିଷ୍ଠା କଳୁଷିତ ହୋଇ ଯାଇଥାନ୍ତା। ଫିରିଙ୍ଗି ସରକାର ରାଜଗୁରୁଙ୍କୁ ଲୋଭ ଦେଖାଇ ନଥିଲେ, ତାହା ନୁହଁ। ରାଜଗୁରୁ ତାର ଦୃଢ଼ ଜବାବ ବି ଦେବାରେ ହେଳା କରି ନଥିଲେ। ବିପ୍ର ମଧୁସୂଦନ ବଡ଼ ସୁନ୍ଦର ଭାବରେ ଏହି ଘଟଣାକୁ ଲେଖିଛନ୍ତି–

ମିଳି ମିଳି କହେ ରାଜଗୁରୁଙ୍କୁ ବୁଝାଇ
କଟକ ଚଉରାସି ଲେଖିଦେବା ପାଇଁ
ଦୁଇଖଣ୍ଡି ପରଗନା ତୁମ୍ଭେ ଯେ ପାଇବ
ସମଗ୍ର ପୃଥିବୀ ଆମ୍ଭଙ୍କୁ ଲେଖିଦେବ ॥

ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ରାଜଗୁରୁ। ରାଜଗୁରୁଙ୍କ ନିଷ୍ପତ୍ତି କବି ମଧ୍ୟ ଉଲ୍ଲେଖ କରିଛନ୍ତି –

ଶୁଣିଣ ନାସ୍ତିବାକ୍ୟ ଗଲେ ଜୟମୁନି
ଆପଣା ଇଚ୍ଛାରେ ଭୋଗ କର ଯେ ମେଦିନୀ।
ଚାରି ପରଗଣା ଆମ୍ଭେ ଅବଶ୍ୟ ପାଇବୁ
ଭଲେ ନ ଛାଡ଼ିଲେ ନିଶ୍ଚେ ସମରରେ ନେବୁ ॥

କବି 'ସମର' ଶବ୍ଦ ପ୍ରୟୋଗ କରିଛନ୍ତି, ବିଦ୍ରୋହ ଶବ୍ଦ ନୁହେଁ। ତେଣୁ ସମର ପାଇଁ ରାଜଗୁରୁ କେବଳ ସାମନ୍ତ ରାଜାମାନଙ୍କୁ ସଙ୍ଗଠିତ କରିଥିଲେ ତାହା ନୁହେଁ, ସାମନ୍ତ ରାଜାଙ୍କ ଅଧୀନରେ ନଥିବା ଗଡ଼ଗୁଡ଼ିକୁ ନିଜେ ଯାଇ 'ଓଡ଼ିଶା ରାଇଜ ଛାଡ଼' ଡାକରାରେ ସାମିଲ କରାଇଥିଲେ। କୋଣାର୍କ ଅଂଚଳରେ ରହିଥିବା ୧୬ ପ୍ରାଚୀନ ଗଡ଼କୁ ଅନୁସନ୍ଧାନ ପାଇଁ ଆମେ ଏବେ ଯିବା ପରେ ବହୁ ନଥିପତ୍ର ମିଳୁଛି। ପ୍ରତ୍ୟେକ ଗଡ଼ ସହିତ ସିଧାସଳଖ ସମ୍ପର୍କ ରଖିଥିଲେ ରାଜଗୁରୁ। ଗଡ଼ରୂପାସ ଓ କିଲ୍ଲା ବୟାଳିଶିବାଟି ତାର ଗୋଟିଏ ଗୋଟିଏ ଉଦାହରଣ।